ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com

# ପୁଣି କବିରଙ୍କ ସହିତ ଦେଖାଗଲେ କ୍ରିତି





ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍, କବିର ବହିଆଙ୍କ ସମ୍ପର୍କକୁ ନେଇ ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି। ନିକଟରେ ଉଭୟଙ୍କୁ ମୁମ୍ବାଇ ବିମାନ ବନ୍ଦରରେ ଦେଖାଯାଇଥିଲା। କିନ୍ତୁ ଉଭୟ ସାଙ୍ଗହୋଇ ଫଟୋ ପୋଜ୍ ଦେବାକୁ ମନା କରି ଦେଇଥିଲେ। ତେବେ ସେମାନେ ଛୁଟି କାଟିବାକୁ ବିଦେଶକୁ ଯାଇଥାଇ ପାରନ୍ତି ବୋଲି ଏବେ ଚର୍ଚ୍ଚା ହେବାକୁ ଲାଗୁଛି। କ୍ରିତି ତାଙ୍କ ୩୪ତମ ଜନ୍ମଦିନ ଗ୍ରୀସ୍‌ରେ ପାଳନ କଲାବେଳେ କବିରଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ପୁଣି ଚର୍ଚ୍ଚା ହେବାକୁ ଲାଗିଲା। କାରଣ କ୍ରିତି କିଛି ସାଙ୍ଗମାନଙ୍କ ସହ ଜନ୍ମଦିନ ପାର୍ଟିର ଫଟୋ ସେୟାର୍ କରିଥିଲେ। ସେ ସେତେବେଳେ କବିରଙ୍କ ସହ କୌଣସି ଫଟୋ ସେୟାର୍ କରି ନ ଥିଲେ। ହେଲେ କବିରଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର୍ କରିଥିବା ଫଟୋରେ କ୍ରିତି ସ୍ପଷ୍ଟ ଦେଖାଯାଉଥିଲେ। ଏହାପରେ ଉଭୟଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହେବାକୁ ଲାଗିଲା। କବିର ବ୍ରିଟେନର ଜଣେ ଆଗଧାଡ଼ିର ବିଜନେସ୍‌ମ୍ୟାନ୍ ହେବା ସହ ଜଣେ କ୍ରିକେଟ୍ ପ୍ରେମୀ। ତାଙ୍କର ଏମ୍. ଏସ୍. ଧୋନି, ହାର୍ଦ୍ଦିକ୍ ପାଣ୍ଡ୍ୟା ଆଦି କ୍ରିକେଟ୍ ଖେଳାଳିଙ୍କ ସହ ଭଲ ବନ୍ଧୁତା ରହିଛି। କ୍ରିତି ଶେଷ ଥର ପାଇଁ 'ଦୋ ପତି' ଫିଲ୍ମରେ ଦେଖାଯାଇଥିଲେ।



# ୭ ବର୍ଷର ବାଳକ ଆୟୋଜନ କଲା ଫେଶନ ଶୋ'

ସାଧାରଣତଃ ଛୋଟ ପିଲାମାନେ ଖେଳକୁଦ ତଥା ପଢ଼ାପଢ଼ିରେ ଧ୍ୟାନ ଦେଇଥାନ୍ତି। କିନ୍ତୁ ଆମେରିକାର ଜଣେ ସାତବର୍ଷର ବାଳକ ନିଜର ଏକ ସ୍ୱତନ୍ତ୍ର ଫେଶନ ଶୋ' ଆୟୋଜନ କରି ବିଶ୍ୱ ରେକର୍ଡ କରିଛନ୍ତି। ମ୍ୟାକ୍ସ ଆଲେକଜାଣ୍ଡର ନାମକ ଏହି ଶିଶୁ ଜଣକ କଲୋରାଡୋରେ ରୁହନ୍ତି। ୧୮ ନଭେମ୍ବର, ୨୦୨୩ରେ ଡେନଭର ଫେଶନ ୱିକ୍‌ରେ ମ୍ୟାକ୍ସ ତାଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ପୋଷାକଗୁଡ଼ିକୁ ପ୍ରଦର୍ଶିତ କରିଥିଲେ ଏବଂ ରନ୍‌ୱେ ଶୋକୁ ଡିଜାଇନ୍ କରିଥିବା ସର୍ବକନିଷ୍ଠ ଭାବେ ବିଶ୍ୱରେକର୍ଡ କରିଥିଲେ। ସେ ଚାରି ବର୍ଷ ବୟସରୁ ଅନ୍ତର୍ଜାତୀୟସ୍ତରରେ ପୋଷାକ ଡିଜାଇନ୍ କରି ବିକ୍ରି କରୁଛନ୍ତି। ଏତେ ଛୋଟ ବୟସରୁ ସେ ନିଜ ଫେଶନ ଶୋ' ପାଇଁ ପୋଷାକ ଡିଜାଇନ୍ କରି ସବୁ ଛୋଟ ବଡ଼ ଦିଗ ପ୍ରତି ଧ୍ୟାନ ଦେଉଥିଲେ। ମ୍ୟାକ୍ସଙ୍କ କହିବାନୁସାରେ, ସେ ଚାରିବର୍ଷ ବୟସରୁ ତାଙ୍କ ପିତାମାତାଙ୍କୁ ଫେଶନ ଡିଜାଇନର ହେବା ପାଇଁ କହିଥିଲେ। ସେବେଠାରୁ ସେ ସିଲେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଯାହା ସମୟକ୍ରମେ ଭଲ ହୋଇଥିଲା। ଏହି କୁନି ଡିଜାଇନର୍ ଜଣକ 'ପିପୁଲ' 'ଗୁଡ୍‌ମର୍ଣ୍ଣିଂ ଆମେରିକା'ରେ ସ୍ଥାନ ପାଇଛନ୍ତି। ମ୍ୟାକ୍ସ ଅନେକ ହଲିଉଡ୍ ତାରକାଙ୍କ ପାଇଁ ମଧ୍ୟ ପୋଷାକ ତିଆରି କରିଛନ୍ତି। ତେବେ ମ୍ୟାକ୍ସଙ୍କୁ ନିଜର ଏକ ଫେସନ୍ ଶୋ' ଆୟୋଜନ କରିବା ପାଇଁ ଅନେକ ସପ୍ତାହ ଲାଗିଯାଇଥିଲା। ଏହି ଫେସନ୍ ଶୋରେ ତାଙ୍କ ମା'ଙ୍କ ସମେତ ମଡେଲ, ଦର୍ଶକ ଏବଂ ପ୍ରଡକ୍‌ସନ୍ ମ୍ୟାନେଜର ସାମିଲ ଥିଲେ। ଅବଶ୍ୟ ଫେଶନ ସହ ଜଡ଼ିତ ସମସ୍ତ ଛୋଟ ବଡ଼ ନିଷ୍ପତ୍ତି ମ୍ୟାକ୍ସ ନିଜେ ନେଇଥିଲେ। ଫେଶନ ଶୋ ପାଇଁ ମ୍ୟାକ୍ସ ପ୍ରଥମେ ମଡେଲ ଚୟନ କରିଥିଲେ। ତାଙ୍କ ପାଇଁ ପୋଷାକ ବାଛିଥିଲେ। ତେବେ ମ୍ୟାକ୍ସ ଭବିଷ୍ୟତରେ ଜଣେ ଆଗଧାଡ଼ିର ଫେସନ୍ ଡିଜାଇନର୍ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ମ୍ୟାକ୍ସଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ୩୦ ଲକ୍ଷରୁ ଅଧିକ ଅନୁଗାମୀ ଅଛନ୍ତି।

## ଆଜିର ଇତିହାସ

- ୧୯୪୫- ହଂକଂରେ ଏକ ନୌକା ଦୁର୍ଘଟଣାରେ ୧୫୫୦ ଲୋକଙ୍କ ମୃତ୍ୟୁ।
- ୧୯୬୫- ବ୍ରିଟେନରେ, ହତ୍ୟା ମାମଲାରେ ମୃତ୍ୟୁଦଣ୍ଡକୁ ଉଠାଇ ଦିଆଗଲା।
- ୧୯୭୨- ଆମେରିକାର କେବୁଲ ଟେଲିଭିଜନ କମ୍ପାନି ଏଚ୍‌ବିଓର ଆରମ୍ଭ।
- ୧୯୮୮-ଚୀନ୍‌ରେ ବିନାଶକାରୀ ଭୂମିକମ୍ପ ଯୋଗୁଁ ୯୦୦ ଲୋକଙ୍କ ମୃତ୍ୟୁ।
- ୨୦୦୦- ବିଲ୍ କ୍ଲିଣ୍ଟନ୍‌ଙ୍କ ପତ୍ନୀ ହିଲାରି କ୍ଲିଣ୍ଟନ୍ ନ୍ୟୁୟର୍କ ସିଟ୍‌ରୁ ଜିତି ରେକର୍ଡ କଲେ।
- ୨୦୦୮ - ଭାରତର ପ୍ରଥମ ମାନବ ରହିତ ମହାକାଶଯାନ ଚନ୍ଦ୍ରଯାନ-୧ ଚନ୍ଦ୍ର କକ୍ଷରେ ପହଞ୍ଚିଲା।
- ୨୦୧୬- ଭାରତ ସରକାର ବିମୁଦ୍ରୀକରଣରେ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେଲେ।

# ରେଷ୍ଟୋରାଁରେ ମହିଳା ରୋବଟ୍ ଶାଢ଼ି ପିନ୍ଧି ପରଷୁଛି ଖାଦ୍ୟ



କେତେକ ରେଷ୍ଟୋରାଁରେ ଏବେ ରୋବଟ୍‌କୁ ୱେଟର୍ ରୂପରେ କାର୍ଯ୍ୟରେ ଲଗାଯାଉଥିବା ଦେଖିବାକୁ ମିଳୁଛି। ହେଲେ ପ୍ରଥମ ଥର ପାଇଁ କୋଲକାତାର ଏକ ରେଷ୍ଟୋରାଁରେ ଏକ ମହିଳା ରୋବଟ୍ ଖାଦ୍ୟ ପରଷୁଛି। ଉକ୍ତ ରୋବଟ୍‌ଟି ବଙ୍ଗୀୟ ମହିଳାଙ୍କ ବେଶଭୂଷାରେ ଗ୍ରାହକଙ୍କ କଥା ବୁଝୁଛି। ଏଠାକାର ବିଧାନନଗର ଅଞ୍ଚଳରେ ଥିବା 'ଉଇ ମାଡାମ୍' ରେଷ୍ଟୋରାଁରେ ଏହି ମହିଳା ରୋବଟ୍ ଗ୍ରାହକଙ୍କ ଦୃଷ୍ଟିଆକର୍ଷଣ କରିଛି। ଅନ୍ୟ ରୋବଟ୍ ଭଳି ଏହାର ମୁହଁ ମେସିନ୍ ଭଳି ଦୃଶ୍ୟମାନ ହୋଇଥିଲେ ହେଁ ବେଶପରିପାଟୀ ସମ୍ପୂର୍ଣ୍ଣ ଭିନ୍ନ। ରୋବଟ୍‌ଟି ଧଳା ଓ ନାଲି ରଙ୍ଗ ଶାଢ଼ି ପିନ୍ଧିଛି। ଏହାସହିତ କାନଫୁଲ, ବିନ୍ଦି, ଲିପଷ୍ଟିକ୍ ତଥା ଅନ୍ୟାନ୍ୟ ଜିନିଷ ପିନ୍ଧିଛି। ରୋବଟ୍‌ର ଏଭଳି ବେଶଭୂଷା ହିଁ ତା'କୁ ଭାରତୀୟ ମହିଳାର ପରିଚୟ ପ୍ରଦାନ କରିଛି। ରୋବଟ୍‌ର ଏହି ବେଶ୍ ହିଁ ଗ୍ରାହକଙ୍କୁ ଉକ୍ତ ରେଷ୍ଟୋରାଁ ପ୍ରତି ଆକର୍ଷିତ କରୁଛି। ତା'ସହ ଏଠାରେ ଖାଦ୍ୟ ଖାଇବା ଅନୁଭୂତିରେ ଏକ ବୈଷୟିକ ସ୍ପର୍ଶ ମଧ୍ୟ ପ୍ରଦାନ କରୁଛି। ଏହାର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯାଇଛି। ଯେଉଁଥିରେ ଦେଖିବାକୁ ମିଳୁଛି ଯେ, ଉକ୍ତ ମହିଳା ରୋବଟ୍ ହାତରେ ଖାଇବା ଥାଳି ଆଣି ଗ୍ରାହକଙ୍କୁ ପରଷୁଛି। ଅବଶ୍ୟ ଲୋକେ ୱେଟର୍‌ଭାବେ ମହିଳା ରୋବଟ୍‌ଟିକୁ ବେଶ୍ ପସନ୍ଦ କରିଛନ୍ତି।



# ବହି ଦୋକାନୀଙ୍କ ନିଆରା ନିୟମ

# ପଢ଼ି ନ ଥିବା ପୁସ୍ତକ ପାଇଁ ଅତିରିକ୍ତ ଟଙ୍କା

ଅନେକ ଲୋକ ବହି କିଣନ୍ତି କିନ୍ତୁ ତା'କୁ ସମ୍ପୂର୍ଣ୍ଣ ପଢ଼ି ନ ଥାନ୍ତି। ଲୋକଙ୍କର ଏହି ଅଧା ବହିପଢ଼ା ଅଭ୍ୟାସକୁ ଦୃଷ୍ଟିରେ ରଖି ଜଣେ ବହି ଦୋକାନୀ ଗ୍ରାହକଙ୍କ ପାଇଁ ନିଆରା ନିୟମ ଲାଗୁ କରିଛନ୍ତି। ଉକ୍ତ ଦୋକାନରେ ବହି କିଣୁଥିବା ଗ୍ରାହକଙ୍କୁ ଦୁଇ ପ୍ରକାର ନିୟମରେ ପୁସ୍ତକ ପ୍ରଦାନ କରାଯାଏ। ପ୍ରଥମତଃ ବହିର ମୂଲ୍ୟ ଯେତିକି ଟଙ୍କା, ଗ୍ରାହକ ସେତିକି ଟଙ୍କା ଦେଇ କିଣିବେ। ନଚେତ୍ ସମ୍ପୂର୍ଣ୍ଣ ବହି ପଢ଼ିବା କଥା ଦାବି କଲେ, ବହି ଉପରେ ରିହାତି ମିଳିବ। ଅନ୍ୟପଟେ ବହି କିଣିଥିବା ଲୋକ ଜଣକ ଯଦି ଏହାକୁ ଦୁଇ ମାସ ମଧ୍ୟରେ ନ ପଢ଼ିଲେ ତେବେ ଗ୍ରାହକଙ୍କୁ ଅତିରିକ୍ତ ଟଙ୍କା ଦେବାକୁ ପଡ଼ିବ। ତେବେ ବହି କିଣୁଥିବା ଗ୍ରାହକ ସତରେ ବହି ପଢ଼ୁଛନ୍ତି କି ନାହିଁ, ତାହା ଜାଣିବା ପାଇଁ ଦୋକାନୀ ଜଣକ ପ୍ରତ୍ୟେକ ବହିର ପଛ ପାର୍ଶ୍ୱରେ ଏକ ମାଇକ୍ରୋ ଚିପ୍ ଲଗାଇଛନ୍ତି। ଏହି ଚିପ୍ ପାଠକଙ୍କ ବହି ପଢ଼ାଭ୍ୟାସକୁ ଟ୍ରାକ୍ କରିଥାଏ। ଯଦି ଗ୍ରାହକ ଜଣକ ଦୁଇ ମାସ ମଧ୍ୟରେ ବହିପଢ଼ା ଶେଷ ନ କରନ୍ତି, ସେମାନଙ୍କୁ ଅତିରିକ୍ତ ଟଙ୍କା ଦେବାକୁ ପଡ଼ିବ ବୋଲି ଏକ ଇମେଲ୍ ପ୍ରେରଣ କରାଯାଏ। ବହି ଦୋକାନୀଙ୍କ ଏହି ନିୟମ ଏବେ ଗ୍ରାହକଙ୍କ ଉପରେ ପ୍ରଭାବ ପକାଉଥିବାର ଦେଖାଯାଉଛି। ତେବେ ଏଠାରେ ଗ୍ରାହକଙ୍କ ଉପରେ ବହିପଢ଼ାକୁ ନେଇ କୌଣସି ଚାପ ପ୍ରୟୋଗ କରାଯାଉ ନ ଥିବା ଦୋକାନ ମାଲିକ କହିଛନ୍ତି। ଏହି ଦୋକାନର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ କମେଡିଆନ୍ ସାମି ବ୍ରୋନୋଓସ୍କି ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଅନ୍ୟପଟେ କେତେକ ଲୋକ ଉକ୍ତ ବହି ଦୋକାନର ଏହି ନିୟମକୁ ମିଛ ବୋଲି ମଧ୍ୟ ଭାବୁଛନ୍ତି।

# ଘରେ ରଖନ୍ତୁନି ଏସବୁ ଜିନିଷ

ଘରେ ଭଙ୍ଗା ଚେୟାର, ଟେବୁଲ, ଭଙ୍ଗା ଦର୍ପଣ, ଖରାପ ହୋଇଯାଇଥିବା ବିଦ୍ୟୁତ୍ ଉପକରଣ, ଅଚଳ ଘଣ୍ଟା, ଲୁହା କବାଟ ଇତ୍ୟାଦି ବାସ୍ତୁଦୋଷ ସୃଷ୍ଟି କରିଥାଏ। ତେବେ ଏହି ଜିନିଷଗୁଡ଼ିକୁ ନ ଫୋପାଡ଼ି ଦାନ କରିଦେବା ଦରକାର। ବିଶେଷକରି ଏଭଳି ଜିନିଷଗୁଡ଼ିକୁ ଶନିବାର ଦିନ ବାହାର କରିଦେବା ଆବଶ୍ୟକ। ଏହାଦ୍ୱାରା ଘର ସଫାସୁତୁରା ଦେଖାଯିବା ସହ ସୁଖ, ସୌଭାଗ୍ୟ ବୃଦ୍ଧିପାଏ।

- ଭଙ୍ଗା ବାସନକୁ ବାସ୍ତୁ ଶାସ୍ତ୍ରରେ ଶୁଭଙ୍କର ନୁହେଁ ବୋଲି କୁହାଯାଇଛି। ଯେଉଁ ଘରେ ଏଭଳି ଜିନିଷ ରଖାଯାଏ, ସେଠାରେ ବାସ୍ତୁଦୋଷ ସୃଷ୍ଟି ହୋଇଥାଏ। ଏଭଳି ବାସନକୁ ତୁରନ୍ତ ହଟେଇ ଦେବା ଆବଶ୍ୟକ। ସେହିଭଳି ମଣିଷ ଭଲ ବାସନରେ ଖାଇବା ଦ୍ୱାରା ମନରେ ସକାରାତ୍ମକ ଭାବନା ଆସିଥାଏ।
- ଅନେକ ଲୋକ ଅଦରକାରୀ ଜିନିଷଗୁଡ଼ିକୁ ଘରର ଗ୍ୟାରେଜ, ଛାତ ଉପରେ , ଶିଡ଼ି ତଳେ ରଖିଥାନ୍ତି। ଏଥିଯୋଗୁଁ ବାସ୍ତୁଦୋଷ ସୃଷ୍ଟି ହୋଇ ପରିବାର ସଦସ୍ୟଙ୍କ ମଧ୍ୟରେ କଳିଝଗଡ଼ା ଲାଗିରୁହେ। ଏହାସହ ଘରେ ଆର୍ଥିକ ସଙ୍କଟ ଦେଖାଦିଏ। ଶନିବାର ଦିନ ଏଭଳି ଜିନିଷ ଘରୁ ବାହାର କରିଦେବା ଦ୍ୱାରା ଦୁର୍ଭାଗ୍ୟ ଚାଲିଯାଏ ବୋଲି ବିଶ୍ୱାସ ରହିଛି।
- ସେହିଭଳି ଘରେ ଦେବଦେବୀଙ୍କ ଖଣ୍ଡିତ ମୂର୍ତ୍ତି ରଖିବା ଠିକ୍ ନୁହେଁ । ଏଭଳି ମୂର୍ତ୍ତି ଥିଲେ ତୁରନ୍ତ ନଦୀରେ ବିସର୍ଜନ କରିବା ଆବଶ୍ୟକ।



# ଏମିତି ଜଣେ ପୁଅ ମା'ଙ୍କୁ ଦିଅନ୍ତି ମଧ୍ୟାହ୍ନ ଭୋଜନ, ନିଜେ ଖାଆନ୍ତି ବଳକା ଖାଦ୍ୟ

ବିଭିନ୍ନ ସମୟରେ ଭାବବିହ୍ୱଳ କଲାଭଳି ଘଟଣାସବୁ ସାମ୍ନାକୁ ଆସିଥାଏ। ଏହି କ୍ରମରେ ଚୀନ୍‌ର ଜଣେ ୧୨ ବର୍ଷର ବାଳକଙ୍କ କାହାଣୀ କେବଳ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରି ନାହିଁ, ବରଂ ଏଥିପାଇଁ ସେ ଚାରିଆଡ଼ୁ ପ୍ରଶଂସା ସାଉଁଟୁଛନ୍ତି। ଚୀନ ହେନାନ୍ ଅଞ୍ଚଳର ଲି ସିବୋ ଜଣେ ପ୍ରାଥମିକ ବିଦ୍ୟାଳୟର ଛାତ୍ର। ସେ ସ୍କୁଲର ମଧ୍ୟାହ୍ନ ଭୋଜନ ନିଜେ ଖାଇ ନ ଥାନ୍ତି। ଏହି ଖାଦ୍ୟକୁ ସେ ତାଙ୍କ ମାନସିକ ବିକାରଗ୍ରସ୍ତ ମା'ଙ୍କୁ ଦେଇଥାନ୍ତି। ସେ ଏଭଳି କରୁଥିବା ତାଙ୍କର ଜଣେ ସ୍କୁଲ ଶିକ୍ଷକ ଦେଖିବା ପରେ ଏହି ଘଟଣାଟି ସାମ୍ନାକୁ ଆସିଛି। ସିବୋଙ୍କ ସ୍କୁଲ ଗେଟ୍ ବାହାରେ ନିୟମିତ ତାଙ୍କ ମା' ଛିଡ଼ା ହୋଇଥାନ୍ତି ଏବଂ ସେ ତାଙ୍କୁ ନେଇ ମଧ୍ୟାହ୍ନ ଭୋଜନ ଦେଇଥାନ୍ତି। ତେବେ ଗତ ଅକ୍ଟୋବର ୧୪ରେ କ୍ଲାସ୍ ଆରମ୍ଭ ବେଳେ ସ୍କୁଲ ଶିକ୍ଷକ ୱାଙ୍ଗ୍ ସିବୋଙ୍କୁ ଦେଖି ନ ଥିଲେ। ସେ ତାଙ୍କୁ ଖୋଜିବାରୁ ଏଭଳି ଘଟଣା ତାଙ୍କ ନଜରକୁ ଆସିଥିଲା। ଏହି ଦୃଶ୍ୟ ତାଙ୍କୁ ଗଭୀର ମର୍ମାହତ କରିଥିଲା। ସେହିପରି ଗେଟ୍ ବାହାରେ ମା' ଖାଦ୍ୟ ଖାଇ ଖୁସି ହେଉଥିବା ସିବୋ ସ୍କୁଲ ଭିତରୁ ଥାଇ ଦେଖୁଥିଲେ। ସ୍କୁଲର ମଧ୍ୟାହ୍ନ ଭୋଜନ ନିଜ ମା'ଙ୍କୁ ଦେଉଥିବାରୁ କାଳେ ତାଙ୍କୁ ତାଗିଦ୍ କରାଯିବ, ସେଥିପାଇଁ ସିବୋ ଶିକ୍ଷକ ୱାଙ୍ଗଙ୍କୁ ଦେଖି ପଳାଉ ଥିଲେ। କିନ୍ତୁ ତାଙ୍କର ଏଭଳି କାର୍ଯ୍ୟକୁ ଦେଖି ୱାଙ୍ଗ୍ ତାଙ୍କର ଖୁବ୍ ପ୍ରଶଂସା କରିଥିଲେ। ୱାଙ୍ଗ୍ ଏହାର ଏକ ଭିଡିଓ କରିଛନ୍ତି ଏବଂ ଏହାକୁ ସକାରାତ୍ମକ ପ୍ରତିକ୍ରିୟା ମିଳିଛି। ସିବୋ ନିଜ ମଧ୍ୟାହ୍ନ ଭୋଜନ ମା'ଙ୍କୁ ଦେଉଥିବା ବେଳେ ତାଙ୍କ ସହପାଠୀଙ୍କ ବଳକା ଖଦ୍ୟକୁ ସେ ଖାଆନ୍ତି। ଏପରିକି ତାଙ୍କ ମଧ୍ୟାହ୍ନଭୋଜନ କେବଳ ପାଣିରେ ଚଳିଯିବା କଥା ସେ କହନ୍ତି। ସିବୋଙ୍କର ମଧ୍ୟ ସାମାନ୍ୟ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ରହିଛି। ସେ ତାଙ୍କ ମା' ଓ ବଡ଼ ଭଉଣୀଙ୍କ ସହ ରହନ୍ତି। ଏହା ସହ ସିବୋଙ୍କର ଶଯ୍ୟାଶାୟୀ ଜେଜେମା ବି ଅଛନ୍ତି। କିଛି ବର୍ଷ ତଳେ ଏକ କାର୍ ଦୁର୍ଘଟଣାରେ ସିବୋ ତାଙ୍କ ବାପାଙ୍କୁ ହରାଇଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ମିଳୁଥିବା ବେଳେ ତାଙ୍କ ମଉସା ଓ ମାଉସୀ ମଧ୍ୟ ସେମାନଙ୍କୁ ସାହାଯ୍ୟ କରିଥାନ୍ତି।



## ଆଜିର ରାଶିଫଳ

**ମେଷ:** ମନ ଭାରାକ୍ରାନ୍ତ ରହିପାରେ। ପରୋପକାରରେ ସମୟ ବିତିବ। ବ୍ୟବସାୟରେ ଆଶାତୀତ ଲାଭ ମିଳିପାରେ। ନିଜକୁ ଖୁସି ଦେବା ପରି କାମ କରିବା ଭଲ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ବୃଷ:** ମହିଳାମାନେ ସାମାଜିକ କାର୍ଯ୍ୟରେ ସମୟ ଅତିବାହିତ କରିବେ। ରକ୍ତଚାପ ସମସ୍ୟା ରହିବ। ପିଲାମାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତିତ ରହିପାରନ୍ତି। ପରିବାରରେ ସହଯୋଗ ମିଳିବ।

**ମିଥୁନ:** ଆଜି ଦିନଟିରେ ଚଳଚଞ୍ଚଳରେ ରହିବେ। ଆଶା କରିଥିବା ଦିଗରୁ ହତାଶ ହୋଇପାରନ୍ତି। ଘର ପାଇଁ ନୂତନ ସାମଗ୍ରୀ କ୍ରୟ କରିପାରନ୍ତି। ନିବେଶରୁ ଲାଭ ମିଳିପାରେ। ଆୟ ଅନୁସାରେ ବ୍ୟୟ ଅଧିକ ହେବ।

**କର୍କଟ:** ବ୍ୟସ୍ତତା ମଧ୍ୟରେ ଦିନ କଟିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ସୃଷ୍ଟି ହୋଇପାରେ। ଆତ୍ମସନ୍ତୋଷ ମିଳିବ। ଦୀର୍ଘ ଦିନରୁ ଲାଗିରହିଥିବା ସମସ୍ୟାର ସମାଧାନ ହେବ।

**ସିଂହ:** ସରକାରୀ କାମରେ ବିଳମ୍ବ ହୋଇପାରେ। ଆର୍ଥିକାବସ୍ଥାରେ ସୁଧାର ଆସିବ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ନିମନ୍ତେ ଯୋଜନା କରିବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଉଚ୍ଚବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ।

**କନ୍ୟା:** ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିପାରନ୍ତି। ଗଣ୍ଠିଜନିତ ସମସ୍ୟା ଭୋଗିପାରନ୍ତି। ହାତେ ମାପି ଚାଖଣ୍ଡେ ଚାଲିବା ଭଲ। ପରିସ୍ଥିତି ଜଟିଳ ହେଲେ ବି ଧୈର୍ଯ୍ୟହରା ହୁଅନ୍ତୁନି।

**ତୁଳା:** ଉପରିସ୍ଥ ଅଧିକାରୀଙ୍କ ସହଯୋଗ ମିଳିପାରେ। ଆଳସ୍ୟ ବଢ଼ିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ-ଭାଇ ମଧ୍ୟରେ କଳହ ସୃଷ୍ଟି ହେବ। କୋର୍ଟ କଚେରୀ ମାମଲାରୁ ବିଜୟ ହେବେ।

**ବିଛା:** ପରିବାରରେ ହସଖୁସି ଲାଗି ରହିବ। ପ୍ରେମ ବ୍ୟାପାରରେ ବିଫଳ ହୋଇପାରନ୍ତି। ମହିଳାମାନେ ଅଳଙ୍କାର କିଣିବାକୁ ମନ ବଳାଇବେ। ନୂତନ ନିଯୁକ୍ତି ପାଇଁ ପ୍ରୟାସ କରିପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** ପଡ଼ୋଶୀଙ୍କ ସହ ଯୁକ୍ତିତର୍କ କରନ୍ତୁନି। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ନ୍ତୁ। ବ୍ୟକ୍ତିଗତ କଥାକୁ କାହା ସହ ସେୟାର କରନ୍ତୁନି। ମହିଳାମାନେ ଦିନସାରା ବ୍ୟସ୍ତ ରହିପାରନ୍ତି।

**ମକର:** ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରାଯୋଗ ରହିଛି। ପତି-ପତ୍ନୀଙ୍କ ମଧ୍ୟରେ କଳହ ଉପୁଜିପାରେ। ଗୁରୁଜନଙ୍କ କଥାମାନି ସବୁକାମ କରିବା ଭଲ। ଗ୍ରହ ଖଣ୍ଡନ ପାଇଁ ଦାନ ଧର୍ମ କରନ୍ତୁ।

**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ପିଲାଙ୍କ କୃତିତ୍ୱରେ ବାପା ମା' ଖୁସି ଅନୁଭବ କରିବେ। କୌଣସି କଥାକୁ ନେଇ ଆଜି ମନ ବିଚଳିତ ରହିପାରେ।

**ମୀନ:** ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ। ଅନ୍ୟମାନଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ। ମହିଳାଙ୍କ ପାଇଁ ଦିନଟି ଏତେ ଭଲ ନୁହେଁ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା




କାମାକ୍ଷାନଗର ୭।୧୧(ସମିସ): ପରଜଙ୍ଗ ନିର୍ବାଚନ ମଣ୍ଡଳୀର କଣ୍ଟାପାଳ ଓ ତୁମୁସିଙ୍ଗା ଗ୍ରାମ ପଞ୍ଚାୟତରେ ବିଶାଳ ବାଇକ ଶୋଭାଯାତ୍ରା ସହ ପଦଯାତ୍ରା କରି ବିଜେଡି ତରଫରୁ ଜନସମ୍ପର୍କ ପଦଯାତ୍ରା କରାଯାଇଛି।। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡ଼ ନୃସିଂହ ଚରଣ ସାହୁ ଯୋଗଦେଇ କାର୍ଯ୍ୟକ୍ରମରେ ସାମିଲ ହେବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ପାଇଁ କରି ଯାଇଥିବା ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଲୋକଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ନୂତନ ସଭ୍ୟ ସଂଗ୍ରହ କରାଯାଇ ଦଳକୁ ଆଗାମୀ ଦିନରେ ମଜବୁତ କରାଯିବା ସହ ସଶକ୍ତ ବିରୋଧୀ ଦଳ ଭାବରେ ବିଜେଡି ଗାଁ, ଗାଁରେ ଲୋକଙ୍କ ପାଇଁ କାମ କରିବା ନେଇ ପ୍ରତିଶ୍ରୁତି ବଦ୍ଧ ଥିବା ନେଇ କହିଥିଲେ। ଦୃଢ ବିରୋଧୀ ଦଳ ଭାବରେ ରାଜ୍ୟର ବିକାଶ ପାଇଁ ବିଜେଡି କାମ କରିବା ସହ ପ୍ରତି ଗାଁରେ ଓ ପ୍ରତି ପଞ୍ଚାୟତରେ ବିଜେପି ସରକାରର ମିଛ ପ୍ରତିଶ୍ରୁତିକୁ ଲୋକଙ୍କ ସାମ୍ନାକୁ ଆଣି ସଚେତନ କରାଇବା ପାଇଁ ଉପସ୍ଥିତ ଅତିଥି ମାନେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାପରିଷଦ ସଦସ୍ୟ, ସରପଞ୍ଚ, ସମିତିସଭ୍ୟ, ଦଳୀୟ କର୍ମୀ ଓ ସ୍ଥାନୀୟ ଜନସାଧାରଣ ସାମିଲ ଥିଲେ।

● କଣିହାଁ ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ

# ଅଧ୍ୟକ୍ଷଙ୍କ ଦ୍ୱାରସ୍ଥ ହେଲେ ସରପଞ୍ଚ ଓ ସମିତି ସଭ୍ୟ



କଣିହାଁ, ୭।୧୧(ସମିସ): କଣିହାଁ ବ୍ଲକଟି ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ତାଳଚେର ଓ ପାଲଲହଡ଼ା ଅଞ୍ଚଳରେ ରହିଛି। ଏଥିରେ ତାଳଚେର ନିର୍ବାଚନ ମଣ୍ଡଳୀର ଜିଲ୍ଲା ପରିଷଦ ଜୋନ, ଗୋଟିଏ ୮ ପଞ୍ଚାୟତ ଥିବା ବେଳେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ୨ଟି ଜିଲ୍ଲା ପରିଷଦ ଜୋନ ୧୯ ଟି ପଞ୍ଚାୟତ ଯାଉଛି। ଦେଶରେ ସାଧାରଣ ନିର୍ବାଚନରେ ରାଜ୍ୟ ସରକାର ପରିବର୍ତ୍ତନ ଯୋଗୁଁ କଣିହାଁ ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏନେଇ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ପ୍ରକୋଷ୍ଠରେ ବୁଧବାର ୨୭ଟି ପଞ୍ଚାୟତର ବିଜେଡି ନେତୃତ୍ୱାଧୀନ ନିର୍ବାଚିତ ଜନପ୍ରତିନିଧିମାନେ ବୈଠକ କରିଥିଲେ। ନିର୍ବାଚିତ ପ୍ରତିନିଧି ମାନେ ନିଜ ନିଜ ପଞ୍ଚାୟତର ଉନ୍ନୟନ ଯୋଜନା ଗୁଡ଼ିକ ପ୍ରଶାସନର ଅସହଯୋଗ ପାଇଁ ଅଧାପନ୍ତରିଆ ହୋଇ ପଡ଼ିରହିଥିବା ଅଭିଯୋଗ କରିଥିଲେ। ଆଗାମୀ ଦିନରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପାଇଁ ଜଣାଇ ଦିଆଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ସମିତି ସଭ୍ୟ ଯୁଗଳ କିଶୋର ସାହୁ, ସରପଞ୍ଚ ଶାନ୍ତନୁ ପ୍ରଧାନ, ହାଡ଼ିବନ୍ଧୁ ସେଠୀ, ବୃନ୍ଦାବନ ପ୍ରଧାନ ରୁକ୍ମିଣୀ ପ୍ରଧାନ, ସୁଜାତା ପ୍ରଧାନ, ସୁବାସିନୀ ବେହେରା, ସମିତି ସଭ୍ୟ ଦିବ୍ୟଜ୍ୟୋତି ପ୍ରଧାନ, କିଶୋରୀ ବେହେରା, ମିନାକ୍ଷୀ ସାହୁ, ବବିତା ଦେହୁରୀ, ପ୍ରଦ୍ୟୁମ୍ନ କୁମାର ମହାପାତ୍ର ପ୍ରମୁଖ ନିର୍ବାଚିତ ଜନପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ ଥିଲେ।

# ଢେଙ୍କାନାଳ ଜିଲ୍ଲାରେ ଦେଶୀ ବିଦେଶୀ ପକ୍ଷୀଙ୍କ ସମାଗମ

ଢେଙ୍କାନାଳ ୭ ।୧୧(ସମିସ)





ଶୀତଋତୁ ଆସିଲେ ଢେଙ୍କାନାଳ ଜିଲ୍ଲାରେ ବିଭିନ୍ନ ଜଳାଶୟ ଦେଶୀ ବିଦେଶୀ ପକ୍ଷୀମାନଙ୍କ କଳରବରେ ମୁଖରିତ ହୋଇଉଠେ। କିନ୍ତୁ ପକ୍ଷୀମାନଙ୍କ ପାଇଁ ଖାଦ୍ୟ, ସ୍ଥାନ ଅଭାବ ଯୋଗୁଁ ସେମାନଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଶାଗୁଣା ବଂଶ ସମ୍ପୂର୍ଣ୍ଣ ଭାବେ ଲୋପ ପାଇଯାଇଥିବା ବେଳେ ଘରଚଟିଆ, କୋଇଲିଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇବାରେ ଲାଗିଛି।

ଢେଙ୍କାନାଳ ବନଖଣ୍ଡରେ ମୋଟ ୧ ହଜାର ୭୩୭ ବର୍ଗ କିଲୋମିଟର ଜଙ୍ଗଲ ସହିତ ୧ ହଜାର ୧୪୧ ବର୍ଗ କିଲୋମିଟର ସଂରକ୍ଷିତ ଜଙ୍ଗଲ, ୫୯୬ ବର୍ଗ କିଲୋମିଟର କେଏଫ ଜଙ୍ଗଲ ରହିଛି। ଢେଙ୍କାନାଳ, ହିନ୍ଦୋଳ, ମହାବିରୋଡ, କାମାକ୍ଷାନଗର ପୂର୍ବ, ପଶ୍ଚିମ ସହିତ ଭୁବନ, ଷଢଙ୍ଗୀ, କପିଳାସ ଭଳି ୮ଟି ରେଞ୍ଜ ସହିତ ୩୭ଟି ସେକ୍ସନ ଏବଂ ୧୦୪ଟି ବିଟ ରହିଛି। କପିଳାସ ଜଙ୍ଗଲକୁ ଗତ ୨୦୧୧ ମସିହା ଏପ୍ରିଲ ୨ ତାରିଖରେ ଅଭୟାରଣ୍ୟ ଭାବେ ଘୋଷଣା କରାଯାଇଥିଲା। ଏହି ଅରଣ୍ୟରେ ବହୁ ଜୀବ ଜନ୍ତୁଙ୍କ ସହିତ ହାତୀ, ହରିଣ, ବାଘ, ଝିଙ୍କ, କୁଟୁରା, ସମ୍ବର, ଭାଲୁ, ବଜ୍ରକାପ୍ଟା, ଅହିରାଜ, ଅଜଗର ସାପ ବି ରହୁଛନ୍ତି। ଶୀତ ଋତୁ ଆସିଲେ ଢେଙ୍କାନାଳ ଜିଲ୍ଲାରେ ରହିଥିବା ବିଭିନ୍ନ ଜଳାଶୟ ସହିତ ବ୍ରାହ୍ମଣୀ ନଦୀ, ସାପୁଆ, ଦଣ୍ଡାଧର ଡ୍ୟାମ, ସରପା, ବେଡାପଡ଼ା, ଦଦରା ଘାଟି ଜଳପ୍ରକଳ୍ପ ସହିତ ଜଙ୍ଗଲରେ ଥିବା ବିଭିନ୍ନ ଜଳାଶୟ ଏବଂ ଗଛ ଗୁଡ଼ିକରେ ପକ୍ଷୀମାନେ ଏକତ୍ରିତ ହୋଇଥାନ୍ତି। ଗତ ବର୍ଷ ମହାବିରୋଡ ଫରେଷ୍ଟ ସେକ୍ସନକୁ ସର୍ବାଧିକ ପକ୍ଷୀ ଆସିଥିବା ବେଳେ ପ୍ରାୟ ୩ ହଜାର ୨୬୬ଟି ପକ୍ଷୀ ଆସିଥିଲେ। ଜିଲ୍ଲାରେ ପ୍ରାୟ ୫୬ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳୁଥିବାର ଜଣାପଡ଼ିଛି। କାମାକ୍ଷାନଗର ଅନନ୍ତପୁର ସଂରକ୍ଷିତ ଜଙ୍ଗଲ, କଙ୍କଡ଼ାହାଡର ଦଣ୍ଡାଧର, ପରଜଙ୍ଗର ଦଦାରାଘାଟି, ହିନ୍ଦୋଳର ସାପୁଆ ଡ୍ୟାମ, ସରପା ଏବଂ ବେଡ଼ାପଡ଼ା ଜଳସେଚନ ପ୍ରକଳ୍ପରେ ପକ୍ଷୀ ମାନେ ଶୀତ ଋତୁରେ ବସାବାନ୍ଧିବା ସହିତ ଖାଦ୍ୟ ସଂଗ୍ରହ କରିଥାନ୍ତି। ସେମାନଙ୍କ ମଧ୍ୟରେ ସାଇବେରିଆନ ପକ୍ଷୀଙ୍କ ସହିତ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥାଏ। ପକ୍ଷୀମାନଙ୍କ ମଧ୍ୟରେ ପାଣିକୁଆ, ହଂସ, ବତକ, ଚକୁଆ, ପାଣି ହଂସ, ପାଣିକୁଆ, ଟେଣ୍ଟେଇ, ଡାହୁକ, ଗେଣ୍ଡାଳିଆ, ପାଣି ବଗ, ଥଣ୍ଟିଆବଗ ସହିତ ସାଇବେରିଆନ ପକ୍ଷୀଙ୍କ ସମାଗମ ହୋଇଥାଏ। ପକ୍ଷୀମାନେ ଖାଦ୍ୟ ସଂଗ୍ରହ କରିବା ସହିତ ସେମାନେ ବିଭିନ୍ନ ଜଳାଶୟରେ ଅଣ୍ଡାଦେଇ ସେଠାରେ ଛୁଆ କରିଥାନ୍ତି। କିନ୍ତୁ ଦିନକୁ ଦିନ ଜଙ୍ଗଲ ହ୍ରାସ ଯୋଗୁଁ ପକ୍ଷୀମାନଙ୍କ ସଂଖ୍ୟା ହ୍ରାସ ପାଉଛି। ସେହିପରି ବିଭିନ୍ନ ଜମିରେ ରାସାୟନିକ ସାର ଏବଂ ବିଷପ୍ରୟୋଗ ଯୋଗୁଁ ଗେଣ୍ଡାଳିଆମାନେ ମୃତ୍ୟୁ ବରଣ କରୁଛନ୍ତି। ସେହିପରି ଜଙ୍ଗଲ ଓ ଆମ୍ବଗଛ ହ୍ରାସ ଯୋଗୁଁ କୋଇଲି ସଂଖ୍ୟାମଧ ଧୀରେ ଧୀରେ ଲୋପପାଇବାକୁ ବସିଲାଣି। ଦିନକୁ ଦିନ ଚାଳ ଘର କମିବା ଫଳରେ ଘରଚଟିଆ ଲୋପ ପାଉଥିବାବେଳେ ତାଳ ଗଛ ଲୋପ ପାଇଯାଉଥିବାରୁ ବାଇଚଢେଇ ସଂଖ୍ୟା ମଧ୍ୟ ଲୋପ ପାଇଲାଣି। ସେହିପରି ଶୀତଦିନରେ ବିଦେଶୀ ପକ୍ଷୀମାନେ ବ୍ରାହ୍ମଣୀ ନଦୀ ସହିତ ବିଭିନ୍ନ ଜଳାଶୟ ମାନଙ୍କରେ ରହୁଥିବା ବେଳେ ଶିକାରୀମାନେ ସେମାନଙ୍କୁ ଶିକାର କରୁଥିବାର ଜଣାପଡ଼ିଛି। ଦିନକୁ ଦିନ ଜିଲ୍ଲାରେ ଜଙ୍ଗଲ ସହିତ ଗଛ ସଂଖ୍ୟା ହ୍ରାସ ପାଉଥିବାରୁ ପକ୍ଷୀ ମାନେ ଅଶ୍ରୟ ନେବା ଏବଂ ବସାବାନ୍ଧିବାରେ ସମସ୍ୟା ସୃଷ୍ଟିହେଉଛି। କୌଣସି ଉପାୟ ନପାଇ ପକ୍ଷୀମାନେ ବିଭିନ୍ନ ଟେଲିଫୋନ ଟାୱାର, ବିଦ୍ୟୁତ ଖୁଣ୍ଟରେ ବସାବାନ୍ଧି ଅକାଳରେ ଜୀବନ ଚାଲିଯାଉଛି। ସରକାର ଘରଚଟିଆଙ୍କ ବଂଶ ବୃଦ୍ଧି ପାଇଁ ଗୁରୁତ୍ୱ ଦେଉଥିବା ବେଳେ ବିଲୁପ୍ତହେବାକୁ ଥିବା ପକ୍ଷୀ ବଂଶରୁ ସୁରକ୍ଷାପାଇଁ ଯୋଜନା କରୁଛନ୍ତି। କିନ୍ତୁ ତୃଣମୂଳସ୍ତରରେ ତାହା କାର୍ଯ୍ୟକାରୀ କରାଯାଉନଥିବାରୁ ଏହି ଚଢେଇ ମାନଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି।

# ସ୍ତ୍ରୀକୁ ମାଡ଼ମାରି ଘରେ ତାଲା ପକାଇ ସ୍ୱାମୀ ଫେରାର

ତାଳଚେର ସହର ୭ ।୧୧(ସମିସ): ଯୌତୁକ ପାଇଁ ସ୍ତ୍ରୀକୁ ନିର୍ଯାତନା ଦେଲା ସ୍ୱାମୀ। ଟଙ୍କା ପାଇଁ ଭୁଲିଗଲା ପବିତ୍ର ସମ୍ପର୍କ। ମଣିଷରୁ ପାଲଟିଲା ରାକ୍ଷସ। ଘଟଣା ଘଟିଛି ତାଳଚେର କୋଲୀୟରି ଥାନା ଅଞ୍ଚଳରେ। ଏକତାଳ ଗ୍ରାମର ପ୍ରେମାନନ୍ଦ ନାଏକ ରେଙ୍ଗାଳି ବଜ୍ରକୋଟ ଗ୍ରାମର ପ୍ରଭାତୀ ନାଏକଙ୍କୁ ୨୦୧୮ ମସିହାରେ ବିବାହ କରିଥିଲେ। ଯୌତୁକ ବାବଦକୁ ପ୍ରଭାତୀଙ୍କ ପରିବାର ଲୋକେ ୪ ଲକ୍ଷ ଟଙ୍କାର ଘରକରଣା ଜିନିଷ, ୨ ଲକ୍ଷ ନଗଦ ଟଙ୍କା, ସୁନା ସାଢେ ୪ ଭରି ଦେଇଥିଲେ। ପ୍ରେମାନନ୍ଦ ତାଳଚେର ଜଗନ୍ନାଥ ମାଇନ୍ସରେ ଚାକିରି କରୁଥିବା ବେଳେ ସେଣ୍ଟ୍ରାଲ କଲୋନୀ ଠାରେ ଥିବା ଏମ୍‌ସିଏଲ କ୍ୱାର୍ଟରରେ ରହୁଥିଲେ। ପ୍ରେମାନନ୍ଦ ଏବଂ ପ୍ରଭାତୀଙ୍କର ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଅଛି। ବିବାହର କିଛି ବର୍ଷ ପରେ ପ୍ରେମାନନ୍ଦ ଯୌତୁକ ବାବଦକୁ ଗୋଟିଏ କାର ଦାବି କରିଥିଲେ। ପ୍ରଭାତୀଙ୍କ ପରିବାର ଲୋକେ କାର ଦେବାକୁ ସକ୍ଷମ ନ ହେବାରୁ ପ୍ରେମାନନ୍ଦ ୫ ଲକ୍ଷ ଟଙ୍କା କ୍ୟାସ ଆଣିବାକୁ କହିଥିଲେ। କିନ୍ତୁ ପ୍ରଭାତୀଙ୍କ ପରିବାର ଲୋକେ ଟଙ୍କା ନ ଦେଇ ପାରିବାରୁ ପ୍ରେମାନନ୍ଦ ଏବଂ ତାଙ୍କ ମା'ରୂପବତୀ ନାଏକ ପ୍ରଭାତୀଙ୍କୁ ଅକଥନୀୟ ଅତ୍ୟାଚାର କରିବା ସହ ମାଡ଼ ମାରିଥିଲେ ଏବଂ କରେଣ୍ଟ ଦେଇଥିବା ଭଳି ସଙ୍ଗୀନ ଅଭିଯୋଗ ପ୍ରଭାତୀଙ୍କ ମା ବିନି ନାଏକ କରିଛନ୍ତି। ମାରପିଟ୍ କରୁଥିବା ନେଇ ପୂର୍ବରୁ ଟାଉନ ଥାନାରେ ଅଭିଯୋଗ ହେବା ପରେ ପ୍ରେମାନନ୍ଦ ଏ ସବୁଥିରୁ ନିବୃତ ରହିବେ ବୋଲି ଚୁକ୍ତି କରିଥିଲେ। କିନ୍ତୁ ୪ ତାରିଖ ସକାଳ ସାଢେ ୬ ଟା ସମୟରେ ସେଣ୍ଟ୍ରାଲ କଲୋନୀ କ୍ୱାର୍ଟରରେ ପ୍ରଭାତୀଙ୍କୁ ହାତ ଗୋଡ଼ ବାନ୍ଧି ଲୁହା ରଡ଼ ସାହାଯ୍ୟରେ ମାଡ଼ ମାରିବା ସହ ଛୁରୀରେ ବିଭିନ୍ନ ସ୍ଥାନରେ ଆକ୍ରମଣ କରିଛନ୍ତି। ଫଳରେ ରକ୍ତସ୍ରାବ ହୋଇ ପ୍ରଭାତୀ ଚେତାଶୂନ୍ୟ ହୋଇଯାଇଥିଲେ। ପରେ ପ୍ରେମାନନ୍ଦ ମୁହଁରେ ପାଣି ମାରି ପ୍ରଭାତୀଙ୍କୁ ଉଠାଇ ପୁଣି ମାରିଥିଲେ। ପୁନଶ୍ଚ ପ୍ରଭାତୀ ଅଚେତ୍ ହୋଇ ପଡ଼ିଯିବାରୁ ମରିଯାଇଛି ଭାବି ପ୍ରେମାନନ୍ଦ ପୁଅ ଏବଂ ପ୍ରଭାତୀଙ୍କୁ ଘର ଭିତରେ ଭର୍ତ୍ତି କରି ବାହାରୁ ତାଲା ପକାଇ ଫେରାର ହୋଇଯାଇଥିଲେ। ଖବର ପାଇ କୋଲୀୟରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରଭାତୀଙ୍କୁ ଉଦ୍ଧାର କରି ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ଏନେଇ ପ୍ରଭାତୀଙ୍କ ମା' ବିନି ନାଏକ କୋଲୀୟରି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଛି।

# କୃତୀ ଛାତ୍ରୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା

ବଇଣ୍ଡା, ୭ ।୧୧(ସମିସ): ଅନୁଗୋଳ ଜିଲ୍ଲାସ୍ତରୀୟ 'ସୁରଭି' କାର୍ଯକ୍ରମରେ ସୃଜନଶୀଳତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ବଇଣ୍ଡା ଜନତା ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରୀ ସୀମାରେଖା ସାହୁ ହାସଲ କରିଥିବା ବେଳେ ତାଙ୍କୁ ବୁଧବାର ଦିନ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ଅଧ୍ୟାପକ ଅସିତ କୁମାର ଜେନା, ଚନ୍ଦ୍ରଶେଖର ସିଂ, ଶୁଭ୍ରଶଶୀ ପ୍ରଧାନ, ସୁମିତ୍ରା ସ୍ୱାଇଁ, ମଧୁସ୍ମିତା ସାହୁ, ପ୍ରସଞ୍ଜିତ ସାହୁ, ପବିତ୍ର ମୋହନ ରାଉଳ ଯୋଗଦେଇ କୃତୀଛାତ୍ରୀ ସୀମାରେଖାଙ୍କୁ ସମ୍ବର୍ଦ୍ଧନା ଦେବା ସହ ତାଙ୍କର ଏହି ସଫଳତା ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛି ବୋଲି କହିଥିଲେ।

# ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ବଇଣ୍ଡା, ୭।୧୧(ସମିସ): କିଶୋରନଗର ଥାନା ଫୁଲଝରି ଗ୍ରାମର ମହିଳା ପିଙ୍କି ନାୟକଙ୍କୁ ତାଙ୍କ ସ୍ୱାମୀ ଲକ୍ଷ୍ମୀଧର ନାୟକ, ଶଶୁର ଜୟାନନ୍ଦ ନାୟକ, ଶାଶୁ କମଳା ନାୟକ ଯୌତୁକ ଓ ମାନସିକ ନିର୍ଯାତନା ଦେଉଥିବା ଗୁରୁବାର ଦିନ କିଶୋରନଗର ଥାନାରେ ଅଭିଯୋଗ ହୋଇଛି। ପୁଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରିଛି। ପୁଲିସ ସୂଚନା ଅନୁଯାୟୀ, ପିଙ୍କି ୧୪ ବର୍ଷ ତଳେ ଲକ୍ଷ୍ମୀଧରଙ୍କୁ ବିବାହ କରିଥିଲେ। ହେଲେ କିଛି ବର୍ଷ ହେବ ବିନା କାରଣରେ ତାଙ୍କୁ ମାଡ଼ ମାରିବା ସହ ତାଙ୍କ ବାପ ଘରୁ ଯୌତୁକ ଆଣିବା ପାଇଁ ନିର୍ଯାତନା ଦେଉଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି।

# କାମାକ୍ଷାନଗର ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ



କାମାକ୍ଷାନଗର ୭।୧୧(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଲେ ୨୨ଟି ପଞ୍ଚାୟତର ୨୧ ସମିତି ସଭ୍ୟ ଓ ସରପଞ୍ଚ। କାମାକ୍ଷାନଗର ବ୍ଲକରେ ୨୨ ଟି ପଞ୍ଚାୟତ ଥିବାବେଳେ ୨୧ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏଥିରେ ସହମତି ପ୍ରକାଶ କରି କାମାକ୍ଷାନଗର ଉପଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚି ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ଅଧ୍ୟକ୍ଷ ମନମୁଖୀ କାର୍ଯ୍ୟ କରିବା ସହ ପଞ୍ଚାୟତର ସମିତିସଭ୍ୟ ଓ ସରପଞ୍ଚଙ୍କ ସହିତ ଉନ୍ନୟନମୂଳକ କାର୍ଯ୍ୟ ନେଇ କୌଣସି ଆଲୋଚନା କରୁନାହାନ୍ତି। ଫଳରେ ପଞ୍ଚାୟତର ଲୋକାଭିମୂଖି କାର୍ଯ୍ୟରେ ବାଧା ଉପୁଜୁଛି। ପଞ୍ଚାୟତର ଲୋକମାନେ ସରକାରଙ୍କ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ଅଧ୍ୟକ୍ଷାଙ୍କୁ ଜଣାଇଲେ ମଧ୍ୟ ଏହାର ସମାଧାନ ହୋଇପାରୁନାହିଁ। ତେଣୁ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଏକାଠି ହୋଇ ମିଟିଂ ଡକାଇବା ସହ ଆଲୋଚନା କରି ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ଏହି ଅନାସ୍ଥା କାର୍ଯ୍ୟକ୍ରମରେ କାନପୁରା ସରପଞ୍ଚ ସତ୍ୟଜିତ ରାଉତ, ବୁଢ଼ୀବିଲି ସମିତିସଭ୍ୟ ସୌଭାଗ୍ୟମୟୀ ରାଉତ, ସାରୁଆଳି ସରପଞ୍ଚ ମଦନ ଚନ୍ଦ୍ର ବେହେରା, ବାଉଁଶପାଳ ସରପଞ୍ଚ ମଧୁସ୍ମିତା ଷେଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ।

# ସହରାଞ୍ଚଳ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ତାଳଚେର ସଦର, ୭।୧୧(ସମିସ): ତାଳଚେର ସହରାଞ୍ଚଳ ଆରୋଗ୍ୟ ମନ୍ଦିର ଦ୍ୱାରା ପରିଚାଳିତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅଣ ସଂକ୍ରମିତ ରୋଗ ପାଇଁ ବିଭିନ୍ନ ପ୍ରକାର ପରୀକ୍ଷା କରାଯାଇଛି। ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସ୍ଥାନୀୟ ଜାମ୍ବୁବଣିଆ ସାହି ସ୍ଥିତ ପାଟରା ସାହି ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହାକୁ ନଅ ନମ୍ବର ୱାର୍ଡର କାଉନ୍‌ସିଲର ମମତା ରାଉତ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ସମାଜସେବୀ ପଞ୍ଚାନନ ସାହୁ ଓ ତପନ କୁମାର ମହାରଣା ଯୋଗ ଦେଇଥିଲେ। ସହରର ବିଭିନ୍ନ ଅଞ୍ଚଳରୁ ଶତାଧିକ ଜନସାଧାରଣ ଏହି ମାଗଣା କ୍ୟାମ୍ପ୍‌କୁ ଆସି ରକ୍ତଚାପ, ଶରୀର ଓଜନ, ମଧୁମେୟ, କର୍କଟ ଭଳି ରୋଗ ପାଇଁ ରକ୍ତ ନମୁନା ପରୀକ୍ଷା କରାଇଥିଲେ। ଏହି ଶିବିରରେ ବରିଷ୍ଠ ଷ୍ଟାଫ ନର୍ସ ସ୍ୱାଗତିକା ସାହୁ, ପଦ୍ମିନୀ ସାହୁ, ଲାବରୋଟୋରି ଟେକ୍ନିସିଅନ ପିଣ୍ଟୁ ବିଶ୍ୱାଳ, ଫାର୍ମାସିଷ୍ଟ ସୀତାକାନ୍ତ ଖିଲାର ପରିଚାଳନା କରିଥିଲେ। ଏହି ଶିବିରରେ ଏଏନଏମ ସ୍ୱାଧୀନତା ସାହୁ, ଐଶ୍ୱର୍ଯ୍ୟା ଦେବତା, ପିଙ୍କି ସାହୁ, ଜି ବେହେରା, ଜ୍ୟୋର୍ତିମୟୀ ଦେହୁରୀ, ଓ ସ୍ୱାସ୍ଥ୍ୟ କର୍ମୀ ସତ୍ୟଭାମା ଦାସ ପ୍ରମୁଖ ସହଯୋଗ କରିଥିଲେ।

■ ପୁରୀ-ଅନୁଗୋଳ ମେମୁ ଟ୍ରେନ୍ ଚଳାଚଳରେ ସମୟ ସୀମା ରହୁନି

# ସ୍ଥାୟୀ ସମାଧାନ ପାଇଁ ଏଆରଏମ୍‌ଙ୍କୁ ଦାବିପତ୍ର



ତାଳଚେରସଦର, ୭ ।୧୧(ସମିସ): ତାଳଚେର ଦେଇ ଯାଉଥିବା ପୁରୀ-ଅନୁଗୋଳ ମେମୁ ଟ୍ରେନ୍‌ଟି ନିର୍ଦ୍ଧାରିତ ସମୟରେ ଯାତାୟତ କରିବା ପାଇଁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ କୌଣସି ସୁଧାର ନ ହେବାରୁ ଏକ ମାସ ପରେ ତାଳଚେର ରେଲ୍‌ୱେ ଷ୍ଟେସନ୍‌ଠାରେ ଏଆରଏମ୍‌ଙ୍କୁ ସାକ୍ଷାତ କରି ଦାବିପତ୍ର ଦିଆଯାଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ଏମ୍‌ସିଏଲ୍ ଆମ୍ବୁଲାନସ୍ ଡିଭିଜନର ଡିଭିଜନାଲ୍ କମାଣ୍ଡର ତଥା ଅନୁଗୋଳ ଜିଲ୍ଲା ଯୁଗ୍ମ ସମ୍ପାଦକ ଦିନବନ୍ଧୁ ପ୍ରଧାନ ଏବଂ ଆମ୍ବୁଲାନସ୍ ଅଫିସର ହିମାଂଶୁ ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ଆଲୋଚନା କରାଯାଇଛି। ଦୀର୍ଘ ସମୟ ଆଲୋଚନା ପରେ ଏରିଆ ରେଲ୍‌ୱେ ମ୍ୟାନେଜର କୁମୁଦ ରଞ୍ଜନ ବିଳମ୍ବ ପାଇଁ ଦୁଃଖ ପ୍ରକାଶ କରିବା ସହ ଆସନ୍ତା ୧୫ ଦିନ ମଧ୍ୟରେ ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ। ଯଦି ଏଥିରେ କୌଣସି ବ୍ୟତିକ୍ରମ ହୁଏ, ତାଳଚେରର ସଚେତନ ନାଗରିକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ସାକ୍ଷାତ ସମୟରେ ପ୍ରଶାନ୍ତ କୁମାର ଜେନା, ଧ୍ରୁବ କୁମାର ସୁନ୍ଦରା, ରାକେଶ କୁମାର ବାରିକ, ପ୍ରିୟବ୍ରତ ସାହୁ, ବସନ୍ତ କୁମାର ସାମଲ, ସନ୍ଦୀପ କୁମାର ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ, ଅମରଜିତ୍ ପ୍ରସାଦ, ଦିଲୀପ ସାମଲ, ସଞ୍ଜୟ ପ୍ରଧାନ, ପିଣ୍ଟୁ ସାହୁ, ଶ୍ରୀକୃଷ୍ଣା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁତର ଷଣ୍ଢର ଚିକିତ୍ସା କରାଇଲେ ବିଦ୍ୟୁତ୍ କର୍ମଚାରୀ

କାମାକ୍ଷାନଗର, ୭।୧୧(ସମିସ): ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ରାସ୍ତା କଡ଼ରେ ପଡ଼ିଥିବା ଗୋଟିଏ ଷଣ୍ଢର ଚିକିତ୍ସା କରାଇଲେ କାମାକ୍ଷାନଗର ବିଦ୍ୟୁତ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ। ଆଜି ସକାଳ ସମୟରେ କାମାକ୍ଷାନଗର ସହରର ଆଳତୁମା ଇଲେକ୍ଟ୍ରି ଅଫିସ ଛକଠାରେ ଷଣ୍ଢଟି ଜାତୀୟ ରାଜପଥ ପାର ହେଉଥିବା ବେଳେ ଏକ ଅଜଣା ଗାଡ଼ି ଷଣ୍ଢ ଟିକୁ ଧକ୍କା ଦେଇଥିଲା। ଖବରପାଇ କାମାକ୍ଷାନଗର ବିଦ୍ୟୁତ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ଗୁରୁତର ଷଣ୍ଢକୁ ବିଦ୍ୟୁତ କାର୍ଯ୍ୟାଳୟ ପରିସରକୁ ଆଣି ଚିକିତ୍ସା କରାଇଥିଲେ। ବିଦ୍ୟୁତ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ଶଶାଙ୍କ ଶେଖର ସାହୁ, କନିଷ୍ଠ ଯନ୍ତ୍ରୀ ପିତାମ୍ବର ସାହୁ ପ୍ରମୁଖ ଚିକିତ୍ସା କରାଇବାରେ ସାହାଯ୍ୟ କରିଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱ ଯମେଶ୍ୱର କହଲସିଂହ
ସାହିତ୍ୟିକ ଓ ଶିକ୍ଷାବିତ
ଲୋକିପୁର, ଗଡ଼ମାଣିତିର, ଖୋର୍ଦ୍ଧା
ଆବିର୍ଭାବ- ୧୮.୦୮.୧୯୪୭
ତିରୋଧାନ - ୧୯.୧୧.୨୦୨୩
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ : ପୁଅବୋହୂ -ରତିକାନ୍ତ, ମିନାକ୍ଷୀ, ନିଶିକାନ୍ତ, ସ୍ୱପ୍ନପ୍ରଭା, ଶୁଭକାନ୍ତ, ଶୁଭଶ୍ରୀ, ସୀତାକାନ୍ତ, ଲିପି, ଶଶିକାନ୍ତ, ରୁନୁ, ସୌମ୍ୟକାନ୍ତ, ସ୍ନେହା, ନାତୁଣୀନାତି -ଲିଟି, ଶିକି ସ୍ୱିଟି, ପ୍ରାବୀ, ଟୁଟୁନା, ଟିଟି, ବିଲୁ ଓ ପ୍ରଭୁ ପରିବାରବର୍ଗ

# ହାଇସ୍କୁଲ ପଡ଼ିଆରେ ମେଳା, ଉତ୍ସବ ବନ୍ଦ

ଅନୁଗୋଳ, ୭ । ୧୧(ସମିସ): କିଛି ବର୍ଷ ତଳେ ଅନୁଗୋଳ ଷ୍ଟାଡିୟମ୍‌କୁ ଲାଗିଥିବା ଅନୁଗୋଳ ହାଇସ୍କୁଲ ପଡ଼ିଆରେ ବିଭିନ୍ନ ମେଳା ଉତ୍ସବ ଅନୁଷ୍ଠିତ ହେଉଥିଲା। ଲାଭ ମନୋବୃତ୍ତି ରଖି ଖେଳ ପଡ଼ିଆକୁ ଭଡ଼ାରେ ଦିଆଯାଉଥିବା ନେଇ ରଞ୍ଜିତ କୁମାର୍ ପାତ୍ର ନାମକ ଜଣେ ସ୍ୱେଚ୍ଛାସେବୀ ରାଜ୍ୟ ମାନବ ଅଧିକାର କମିଶନ ନିକଟରେ ୨୦୨୩ ମସିହାରେ ଦ୍ୱାରସ୍ଥ ହୋଇଥିଲେ। କମିଶନ ଏ ନେଇ ଅନୁଗୋଳ ଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ତଦନ୍ତ କରି ୨.୩୭ ଏକର ପୁରାତନ ପତିତ ଜମି ଅନୁଗୋଳ ହାଇସ୍କୁଲ ମାର୍ଫତ୍‌ରେ ରାଜ୍ୟ ଗଣଶିକ୍ଷା ବିଭାଗ ନାମରେ ରହିଥିବା ରିପୋର୍ଟ କରିବା ସହ ସେଠାରେ ଆଉ କୌଣସି ଉତ୍ସବ ପାଇଁ ଅନୁମତି ଦିଆଯାଉନାହିଁ ବୋଲି ଉଲ୍ଲେଖ କରିଥିଲେ। ଜିଲ୍ଲାପାଳ କମିଶନଙ୍କୁ ରିପୋର୍ଟ କରିବା ପରେ ଉତ୍ସବ କରାଯିବା ବାଟ ବନ୍ଦ ହୋଇଯାଇଛି।

ମା' ସନ୍ତୋଷୀ ପରିବହନ ସଂସ୍ଥାରୁ କୋଟି କୋଟି ଟଙ୍କା ହଡ଼ପ ଘଟଣା

# ସ୍ୱାମୀ ପରେ ସ୍ତ୍ରୀ ତପସ୍ୱିନୀ ମହାପାତ୍ର ଗିରଫ

ତାଳଚେର ସଦର, ୭।୧୧(ସମିସ)

ମା'ସନ୍ତୋଷୀ କୋଇଲା ପରିବହନ ସଂସ୍ଥାରୁ ପ୍ରାୟ ଚାରି କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର କରିଥିବା ଅଭିଯୋଗରେ ପୁଲିସ ସଂସ୍ଥାର ଆକାଉଣ୍ଟାଣ୍ଟଙ୍କୁ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ସେହି ଘଟଣାରେ ତପସ୍ୱିନୀ ମହାପାତ୍ରଙ୍କୁ ଭୁବନେଶ୍ୱର ବମିଖାଲ ଅଞ୍ଚଳରୁ ଗିରଫ କରିଛି ତାଳଚେର ପୁଲିସ। କୋଇଲା ପରିବହନ କାର୍ଯ୍ୟରେ ନିୟୋଜିତ ମା' ସନ୍ତୋଷୀ ପରିବହନ ସଂସ୍ଥାର ଆକାଉଣ୍ଟାଣ୍ଟ ଭାବେ ୨୦୧୮ ମସିହାରୁ ଅଖିଳପ୍ରସାଦ ମିଶ୍ର କାର୍ଯ୍ୟ କରୁଥିଲେ। ସେ ତିନି ବର୍ଷ ମଧ୍ୟରେ ସଂସ୍ଥାର ମାଲିକଙ୍କ ବିଶ୍ୱାସର ପାତ୍ର ହୋଇ ଯାଇଥିଲା। ଫଳରେ ସଂସ୍ଥାର ସମସ୍ତ ହିସାବ କିତାବ ରଖୁଥିଲେ। କୌଣସିଏକ ପେଟ୍ରୋଲ ଟାଙ୍କିର ପେମେଣ୍ଟକୁ ନେଇ ଟାଙ୍କି ମାଲିକ ସଂସ୍ଥା ମାଲିକ କୃପା ଗାହାଣକୁ ଫୋନ ଯୋଗେ ତାଙ୍କର ପେମେଣ୍ଟ ମାଗିଥିଲେ। ତେବେ ମାଲିକ କୃପା ସମସ୍ତ ପେମେଣ୍ଟ ହୋଇଛି ବୋଲି ତାଙ୍କ କମ୍ପ୍ୟୁଟର ଦେଖି କହିଥିଲେ। ହିସାବ କିତାବକୁ ନେଇ ଆକାଉଣ୍ଟାଣ୍ଟ ମିଶ୍ର ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। ମାଲିକ ଜାଣିବାକୁ ପାଇଲେ ମିଶ୍ର ତଞ୍ଚକତା କରି ପ୍ରାୟ ଚାରି କୋଟିରୁ ଅଧିକ ଟଙ୍କା ତାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରି ଦେଇଛି। କମ୍ପାନୀର ମାଲିକ ଏ ନେଇ ତାଳଚେର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣା ନେଇ ତାଳଚେର ପୁଲିସ ଅଖିଳଙ୍କୁ ଥାନାକୁ ଆଣି ଖୋଳତାଡ଼ କରିଥିଲେ। ଶ୍ରୀ ମିଶ୍ର କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ତାଙ୍କ ସ୍ତ୍ରୀ ଏକାଉଣ୍ଟ କୁ ଟ୍ରାନ୍ସଫର କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ସମ୍ପୃକ୍ତ ଆକାଉଣ୍ଟାଣ୍ଟଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେଦିନଠାରୁ ଶ୍ରୀ ମିଶ୍ରଙ୍କ ପତ୍ନୀ ତପସ୍ୱିନୀ ମିଶ୍ର ଫେରାର ଥିଲେ। ପୁଲିସ ବହୁ ଖୋଜାଖୋଜି ପରେ ତାଙ୍କର କୌଣସି ଖୋଜ ଖବର ପାଇନଥିଲେ। ଶେଷରେ କୌଣସି ସୂତ୍ରରୁ ଖବର ପାଇ ତାଳଚେର ପୁଲିସ ତପସ୍ୱିନୀଙ୍କ ମୋବାଇଲକୁ ଟ୍ରାକ୍ କରି ଭୁବନେଶ୍ୱର ବୋମିଖାଲ ଅଞ୍ଚଳର ଏକ ଅପାର୍ଟମେଣ୍ଟରୁ ଆଜି ତାଙ୍କୁ ଗିରଫ କରି ତାଳଚେର ଥାନାକୁ ଆଣି ପଚାରଉଚାର କରି କୋର୍ଟ ଚାଲାଣ କରିଛି।

# ମଦ ବେପାରୀଙ୍କୁ ପୁଲିସ ଜିମା ଦେଲେ ସାମାଜିକ କର୍ମୀ

କଣିହାଁ, ୭ା୧୧(ସମିସ): ଅନଗୁଳ ଜିଲ୍ଲା କଣିହାଁ ଥାନା ଅଞ୍ଚଳରେ ଦିନକୁ ଦିନ ମଦ ବ୍ୟବସାୟୀଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସୂଚନା ମୁତାବକ ଡେରେଙ୍ଗ ଏବଂ ଏନ୍‌ଟିପିସି ଅଞ୍ଚଳରେ ଦୁଇଟି ବିଦେଶୀ ମଦ ଦୋକାନ ଅଛି। ଯାହାକି ଖୁଲମ ଖୁଲା ଭାବେ ଦିନ ଦିପହରେ ବିଭିନ୍ନ ଗ୍ରାମ ଗୁଡିକୁ ବାଇକ୍ ଯୋଗେ ପହଞ୍ଚାଇ ଥାନ୍ତି। ଆଜି ଡେରେଙ୍ଗ ବିଦେଶୀ ମଦ ଦୋକାନରୁ ଧନବିଜୟ କୁମାର ଗାଡି ନଂ ଓଡି ୩୫ଇ ୮୫୨୫ରେ ମଦ ଧରି ଜରଡ଼ା ଗ୍ରାମକୁ ଯାଉଥିବା ସମୟରେ ମାଡୁଆ ମନ୍ଦିର ନିକଟରୁ କିଛି ସାମାଜିକ କର୍ମୀ ତାକୁ ଧରି କଣିହାଁ ପୁଲିସର ଜିମା ଦେଇଛନ୍ତି। ଆଗରୁ ମଧ୍ୟ ଏଭଳି ବାରମ୍ବାର ଧରି ପୁଲିସ ଜିମା ଦିଆଯାଇଥିବା ନଜର ମଧ୍ୟ ଅଛି। ଲୋକଙ୍କ କହିବା କଥା ଯଦି ଜଣେ ସାଧାରଣ ଲୋକ ବାହାରେ ବସି ମଦ ପିଉଛି, ପୁଲିସ ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। କିନ୍ତୁ ଶହ ଶହ ଲିଟର ବିଦେଶୀ ମଦ ଦିନ ଦିପ୍ରହରେ ମଟର ସାଇକଲରେ ଗ୍ରାମାଞ୍ଚଳରେ ପହଞ୍ଚା ଯାଉଥିବା ବେଳେ ପୁଲିସ ଚୁପ୍ ବସିଛି। କଣିହାଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲାଗିଛି। ପୁଲିସ ପାଟ୍ରୋଲିଂ ହେଉଛି। ତାର କଣ୍ଟ୍ରୋଲ ରୁମ୍ କଣିହାଁ ଥାନା। କିନ୍ତୁ ପୁଲିସ କିପରି ଏହା ଜାରି ପାରୁନି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଏହି ଗୋଟିଏ ଗାଡି ବାରମ୍ବାର କଣିହାଁର ବିଭିନ୍ନ ଅଞ୍ଚଳକୁ ଚୋରାରେ ବିଦେଶୀ ମଦ ଯୋଗାଇ ଆସୁଥିବା ବେଳେ ପୁଲିସ ନିରବଦ୍ରଷ୍ଟା ସାଜିବା ଭିତିରି ରହସ୍ୟ ବୁଝା ପୁଡୁଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି।

## ନିଯୁକ୍ତି ଓ ଥଇଥାନ ନେଇ କଣିହାଁ ଗ୍ରାମବାସୀଙ୍କ ଧାରଣା

# କୋଇଲା ଉତ୍ତୋଳନ ଓ ପରିବହନ ବାଧାପ୍ରାପ୍ତ

କଣିହାଁ ୭।୧୧(ସମିସ)

କଣିହାଁ କୋଇଲା ଓସିପିର ମୁଖ୍ୟ ଫାଟକ ନିକଟରେ ଗୁରୁବାର କଣିହାଁ ଗ୍ରାମବାସୀ ତରଫରୁ ନିଯୁକ୍ତି ଓ ଥଇଥାନ ନେଇ ଆନ୍ଦୋଳନ ହୋଇଥିଲା। ଏଥିପାଇଁ କୋଇଲା ଖଣିର ଉତ୍ତୋଳନ ଓ ପରିବହନ ବାଧାପ୍ରାପ୍ତ ହୋଇଥିଲା। ବିଭିନ୍ନ ଗ୍ରାମରୁ ନିଯୁକ୍ତି ଓ ଥଇଥାନ ସମସ୍ୟାର ସମାଧାନ କରିବାରେ ଖଣି କର୍ତ୍ତୃପକ୍ଷଙ୍କ ଅହେତୁକ ବିଳମ୍ବ ଯୋଗୁଁ ବାରମ୍ବାର ଖଣି ବନ୍ଦ ହେଉଛି। ଏଥିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଜସ୍ୱ ହାନି ହେଉଛି। ତିରିଶ ବର୍ଷ ହେବ କଣିହାଁ ଗ୍ରାମର ତିନୋଟି ପର୍ଯ୍ୟାୟରେ ଜମି ଅଧିଗ୍ରହଣ ହୋଇଛି। କିନ୍ତୁ ଅଦ୍ୟାବଧି ଗ୍ରାମର ୨୬ ଜଣଙ୍କୁ ନିଯୁକ୍ତି ମିଳିଥିବା ବେଳେ ଅବଶିଷ୍ଟ ଜମିହରା କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ଓ ଥଇଥାନ କରାଯାଇନାହିଁ। ଏନେଇ ବାରମ୍ବାର ଦାବି ଆନ୍ଦୋଳନ ସତ୍ତ୍ୱେ ଦାବି




ପୂରଣ ହେଉନଥିବାରୁ ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ ଗ୍ରାମବାସୀ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗୁରୁବାର ସକାଳେ ଲୋକମାନେ ଆନ୍ଦୋଳନରେ ବସି କୋଇଲା ପରିବହନ ଓ ଉତ୍ତୋଳନ ବନ୍ଦ କରିଥିଲେ। କଣିହାଁ ଗ୍ରାମ କମିଟିର ସଭାପତି କଳାକାର ସାହୁ ଓ ସମ୍ପାଦକ ସୂର୍ଯ୍ୟକାନ୍ତ ନାଏକଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ଖଣି ମହାପ୍ରବନ୍ଧକ ନରେଶ ସିଂ, କଣିହାଁ ଥାନା ଆଇଆଇସି ମନୋଜ କୁମାର ସାମଲ ଏବଂ ଆନ୍ଦୋଳନକାରୀଙ୍କୁ ନେଇ ସଂଧ୍ୟାରେ ଜିଏମ ଅଫିସରେ ଏକ ବୈଠକ ବସି ଆଲୋଚନା ହୋଇଥିଲା। ଏନେଇ ଚଳିତ ମାସ ୧୦ ତାରିଖରେ ସମସ୍ୟା ସମାଧାନ ନିମନ୍ତେ ସମ୍ବଲପୁର ମୁଖ୍ୟ କାର୍ଯ୍ୟାଳୟରେ ସିଏମଡିଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ବସିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାପରେ ଆନ୍ଦୋଳନକାରୀ ମାନେ ଆନ୍ଦୋଳନ ସ୍ଥଗିତ କରିଥିଲେ।

# ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଉଦ୍ଧାର କଲା ପିପୁଲ୍ସ ଫୋରମ୍

ଅନୁଗୋଳ, ୭ା୧୧(ସମିସ): ପ୍ରାୟ ୪୫ ବର୍ଷୀୟା ମାନସିକ ବିକାରଗ୍ରସ୍ତ ଜଣେ ମହିଳା ୩/୪ମାସ ହେବ ଅନୁଗୋଳ ନୂଆ ବସ ଟର୍ମିନାଲ ଯାତ୍ରୀ ପ୍ରତୀକ୍ଷାଳୟରେ ଚୁପଚାପ ବସି ରହୁଥିଲା। କେହି ବଦାନ୍ୟ ବ୍ୟକ୍ତି ବିସ୍କୁଟ, କେକ ଦେଲେ ଖାଉଥିଲା। କାହାକୁ କିଛି କହୁ ନଥିଲା କି କାହାର ଅନିଷ୍ଟ କରୁ ନଥିଲା। ବର୍ଷା ଦିନରେ ତାକୁ ବସ ଟର୍ମିନାଲ ଗେଟ ବାହାରକୁ ସିକ୍ୟୁରିଟି ମାନେ ତଡ଼ିଦେଲେ। ଗେଟ ସମ୍ମୁଖରେ ନିର୍ମାଣଧୀନ କୋଠାର ବାରଣ୍ଡାରେସେ ଆଶ୍ରୟ ନେଲା। ସେଠାରେ ମଧ୍ୟ ସର୍ବଦା ଚୁପ୍‌ଚାପ ରହୁଥିଲା। ପାଖରେ



ଥିଲା ଚା'ଦୋକାନ। ଜୟଜଗନ୍ନାଥ ମର୍ଣ୍ଣିଂ ୱାକ୍ ଟିମ ଚା'ଖଟିର ଲୋକେ ସବୁଦିନେ ପୀଡ଼ିତା ମହିଳାଙ୍କୁ ଶୁଖିଲା ଖାଦ୍ୟ ଦେଉଥିଲେ। ଉପଯୁକ୍ତ ଥଇଥାନ ପାଇଁ ବ୍ୟବସ୍ଥା ଖୋଜୁ ଥିଲେ। ଗ କାଲି ଜଣେ ସହୃଦୟ ବ୍ୟକ୍ତି ଅନୁଗୋଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସିଡିଏମଓଙ୍କୁ ଅବଗତ କରାଇବା ପରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସହଯୋଗରେ ମାନସିକ ରୋଗୀ ଏବଂ ଦରିଦ୍ରମାନଙ୍କର ଯତ୍ନ ଏବଂ ଚିନ୍ତା ପାଇଁ କାର୍ଯ୍ୟ କରୁଥିବା ତାଳଚେର ସ୍ଥିତ 'ପିପୁଲସ ଫୋରମ' ଅନୁଷ୍ଠାନର କର୍ମଚାରୀ ମାନେ ଆମ୍ବୁଲାନ୍ସ ଗାଡ଼ି ଧରି ପହଞ୍ଚିଥିଲେ। ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଧୁଆ ପୋଛା କରି ଡାକ୍ତରୀ ପରୀକ୍ଷା ପାଇଁ ଆମ୍ବୁଲାନ୍ସରେ ବସାଇ ଡାକ୍ତର ଖାନାକୁ ନେଇଥିଲେ। ପରେ ଅନୁଷ୍ଠାନ ଦ୍ୱାରା ପରିଚାଳିତ ତାଳଚେର ସ୍ଥିତ ' ମିଶନ ଆଶ୍ରା' କେନ୍ଦ୍ରକୁ ନିଆଯିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ଦେଇଥିଲେ। ମାନସିକ ବିକାରଗ୍ରସ୍ତ ମହିଳାଙ୍କ ସେବା ଯତ୍ନ ପାଇଁ ସହଯୋଗର ହାତ ବଢ଼ାଇ ଥିବା ଅନୁଷ୍ଠାନ ତଥା କର୍ମଚାରୀଙ୍କୁ ସ୍ଥାନୀୟ ଲୋକେ ସାଧୁବାଦ ଜଣାଇଛନ୍ତି।

# ଭାରତୀୟ ଦିବ୍ୟାଙ୍ଗ କ୍ରିକେଟ୍ ଟିମ୍‌ରେ ସ୍ଥାନ ପାଇଲେ ତାଳଚେରର ପୁଅ ସନ୍ତୋଷ

ଅନୁଗୋଳ, ୭ା୧୧(ସମିସ): ଶୁଣି ପାରନ୍ତି କି କହି ପାରନ୍ତି ନାହିଁ, କିନ୍ତୁ ଓଡ଼ିଶା ପାଇଁ ଆଣି ଦେଇଛନ୍ତି ଅପୂର୍ବ ସଫଳତା। ଭାରତୀୟ ଦିବ୍ୟାଙ୍ଗ (ବଧୀର) କ୍ରିକେଟ୍ ଟିମ୍ ରେ ସ୍ଥାନ ପାଇଛନ୍ତି ତାଳଚେରର କ୍ରିକେଟ୍ ଖେଳାଳୀ ସନ୍ତୋଷ କୁମାର ମହାପାତ୍ର। ଭାରତ ପାଇଁ ଖେଳିବେ ତାଳଚେର ମାଟିର ପୁଅ ସନ୍ତୋଷ। ତାଳଚେର ହାଟତୋଟା ୧୫ ନମ୍ବର ୱାର୍ଡର ବସନ୍ତ କୁମାର ମହାପାତ୍ର ଓ ସଂଧ୍ୟାରାଣୀ ମହାପାତ୍ରଙ୍କ ଜ୍ୟୋଷ୍ଠ ପୁତ୍ର ସନ୍ତୋଷ ଭାରତୀୟ ବଧିର କ୍ରିକେଟ୍ ଟିମ୍‌ରେ ସ୍ଥାନ ପାଇଛନ୍ତି। ଆସନ୍ତା ଡିସେମ୍ବର ମାସ ୨ ତାରିଖରୁ ଶ୍ରୀଲଙ୍କା ସହିତ ଭାରତୀୟ ବଧୀର କ୍ରିକେଟ୍ ଟିମ୍ ମଧ୍ୟରେ ୫ଟି ମ୍ୟାଚ ଖେଳାଯିବ। ଯେଉଁଥି ପାଇଁ




୧୫ ଜଣିଆ ଦଳ ଘୋଷଣା ହୋଇଥିବା ବେଳେ ଏଥିରେ ସ୍ଥାନ ପାଇଛନ୍ତି ସନ୍ତୋଷ। ସେ ତାଳଚେର ୟୁଥ୍ ସ୍ପୋର୍ଟିଂ କ୍ରିକେଟ୍ କ୍ଲବ୍‌ରେ ଜଣେ ସକ୍ରିୟ ସଦସ୍ୟ। ଦିଲ୍ଲୀରେ ହେବାକୁ ଥିବା ଶ୍ରୀଲଙ୍କା ବିପକ୍ଷରେ ଦିନିକିଆ ସିରିଜ ପାଇଁ ସନ୍ତୋଷ କୁମାର ମହାପାତ୍ରଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ତେବେ ସନ୍ତୋଷଙ୍କ ଏହି ସଫଳତା ଏବେ ଓଡ଼ିଶା ତଥା ତାଳଚେର ପାଇଁ ଆଣିଦେଇଛି ଗର୍ବ ଓ ଗୌରବ। ଦଳରେ ଚୟନ ହେବା ଖବର ଶୁଣି ପରିବାର ତଥା କ୍ଲବର ସମସ୍ତ ସଦସ୍ୟ ଖୁସି ହେବା ସହ ସମଗ୍ର ତାଳଚେରରେ ଖୁସିର ଲହରୀ ଖେଳି ଯାଇଛି। ତାଳଚେର ବିଧାୟକଙ୍କ ସହ ଅନେକ ଶୁଭେଚ୍ଛୁଙ୍କ ତରଫରୁ ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ମିଳିଛି। ସେ ଖେଳାଳୀ ଏକାଦଶରେ ସ୍ଥାନ ପାଇ ଉତ୍ତମ କ୍ରୀଡ଼ା ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଅନୁଗୋଳ ୭। ୧୧(ସମିସ): ଅନୁଗୋଳ ସଦର ଥାନା ଅଧୀନସ୍ଥ ଖଲାରୀ ରଙ୍କେଇ ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସଦର ଥାନା ଅଧୀନସ୍ଥ ଛେଳିଆପଡ଼ା ଗ୍ରାମର ଦେବରାଜ ପ୍ରଧାନଙ୍କ ପୁଅ ବାପି ପ୍ରଧାନ (୩୨) ଆଜି ଅପରାହ୍ନ ସମୟରେ ଅନୁଗୋଳ ଆଡୁ ଘରକୁ ବାଇକ୍ ଯୋଗେ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ବାପି ରାସ୍ତା କଡ଼ରେ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ବାପିଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲ। ପରିବାର ଲୋକ ସଙ୍ଗେ ସଙ୍ଗେ ବାପିଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ବାପିଙ୍କୁ ମୃତ ଘୋଷଣା କରିଥିଲେ।

# ଉପଜିଲ୍ଲାପାଳଙ୍କୁ ଭେଟିଲେ ବିଜେପି ଜିଲ୍ଲା ଉପସଭାପତି



ଆଠମଲ୍ଲିକ ୭ ।୧୧(ସମିସ): ସୋମବାର ନୂତନ ଉପଜିଲ୍ଲାପାଳ ଭାବରେ ଡ. ଦିଲୀପ କୁମାର ବେହେରା ବିଧିବଦ୍ଧ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶାସକ ବିଜେପି ଦଳର ଅନୁଗୁଳ ଜିଲ୍ଲା ଉପସଭାପତି ତଥା ସମାଜସେବୀ ଅର୍ଜୁନ କୁମାର ସାହୁ ଆଜି ଉପଜିଲ୍ଲାପାଳଙ୍କୁ ଭେଟିଥିଲେ। ଶ୍ରୀ ସାହୁ ଉପଜିଲ୍ଲାପାଳଙ୍କୁ ଫୁଲ ତୋଡ଼ା ଦେଇ ସ୍ୱାଗତ କରିଥିଲେ। ସେ ଆଠମଲ୍ଲିକର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଲୋକମାନେ କିଭଳି ଭାବରେ ପ୍ରଶାସନିକ ସେବା ପାଇ ପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ ଶ୍ରୀ ସାହୁଙ୍କ ସହିତ ଆଠମଲ୍ଲିକ ବିଜେପି ନଗର ସଭାପତି ଅବନୀ କୁମାର ପ୍ରଧାନ, ଉପସଭାପତି ସୁଶାନ୍ତ କୁମାର ପ୍ରଧାନ, ଯୁବନେତା ପିନା ପାଣିଗ୍ରାହୀ, କାଉନସିଲର ନୂତନ କୁମାର ବେହେରା, ଆଇନଜୀବି ଅର୍ଜୁନ ରାଉଳ, ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଅର୍ଜୁନ ରାଉଳ, ଅଏଡା ସରପଞ୍ଚଙ୍କ ପ୍ରତିନିଧି ପ୍ରକାଶ ସେଠୀ, ସୁଜିତ ଦେହୁରୀ, ଅଏଡା ମଣ୍ଡଳ ସଭାପତି ଅଜିତ ପ୍ରଧାନ, ଭୀମସେନ ମହାକୁଡ଼, ପ୍ରଦୀପ ସାହୁ, ଅଏଡା ମଣ୍ଡଳୀର ପ୍ରଭାରୀ ଚୈତନ୍ୟ କୁମାର ସାହୁଙ୍କ ସମେତ ଆଠମଲ୍ଲିକ ଏନଏସି ଏବଂ ପଞ୍ଚାୟତସ୍ତରୀୟ ବିଜେପି କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

## ନାରଣସାଗର କୂଳରେ ଛଟ୍ ପୂଜା

# ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ଶ୍ରଦ୍ଧାଳୁ



ଅନୁଗୋଳ ୭। ୧୧(ସମିସ): ଆଜି ଅପରାହ୍ନରେ ଅନୁଗୋଳ ନାରଣସାଗର କୂଳରେ ବିହାର, ଝାଡ଼ଖଣ୍ଡ, ୟୁପି ଆଦି ଉତ୍ତର ଭାରତର ମୂଳବାସିନ୍ଦା ତଥା ଅନୁଗୋଳରେ ରହୁଥିବା ଲୋକମାନେ ଛୁଟ୍ ପର୍ବ ପାଳନ କରିଛନ୍ତି। ଅପରାହ୍ନରେ ଫଳ ଭୋଗ ଧରି ଶ୍ରଦ୍ଧାଳୁ ମାନେ ନାରଣ ସାଗରରେ ବୁଡ଼ ପକାଇବା ସହ ଅସ୍ତଗାମୀ ସୂର୍ଯ୍ୟ ଷଠି ମା ଙ୍କୁ ମଧ୍ୟ ପୂଜା କରିଥିଲେ।

କୁହାଯାଏ, ଏକଦା ସ୍ୱାମୀ ମାନେ ଜୁଆରେ ସର୍ବସ୍ୱ ହାରିବା ପରେ ଦ୍ରୌପଦୀ ଏହି ଛଟ ପୂଜା କରି ପୁଣି ଧନ ଧାନ୍ୟ ଓ କ୍ଷମତା ପାଇଥିଲେ। ଏହି ଛଟ ପୂଜା ଅବସରରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ବିଜେପି ନେତା ଦିଲୀପ ପ୍ରଧାନ, ଚନ୍ଦ୍ରକାନ୍ତ ଧଳ, ପୂର୍ବତନ ତାମଡା ଅଧକ୍ଷ ଶକ୍ତି ପଟ୍ଟନାୟକ, ଉପ ନଗରପାଳ ଅନୁପମା ସାହୁ, ବରିଷ୍ଠ ଆଇନଜୀବୀ ପ୍ରଦୀପ ଦେବତା, ସ୍ୱେଚ୍ଛାସେବୀ ପର୍ଶୁରାମ ଦାଶ ପ୍ରମୁଖ ପୂଜା ସ୍ଥଳ ବୁଲିବା ସହ ଶ୍ରଦ୍ଧାଳୁଙ୍କ ସହ କିଛି ସମୟ ବିତାଇ ଥିଲେ। ମଗଧ ଯୁବ ବିକାଶ ସମିତିର କର୍ମକର୍ତ୍ତା ମାନେ ଅତିଥି ମାନଙ୍କୁ ସମ୍ବର୍ଧିତ କରିଥିଲେ। ସମିତିର ସଭାପତି ସୁମିତ୍ କୁମାର୍ ଓ ସମ୍ପାଦକ ସୁକାନ୍ତ ମାଝୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁଲିସ ଓ ଅଗ୍ନିଶମ ବାହିନୀ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# କଳମାଛୁଇଁ ଶିଶୁମନ୍ଦିର ଛାତ୍ରଛାତ୍ରୀଙ୍କ ହିଙ୍ଗୁଳା ମନ୍ଦିର ପରିଦର୍ଶନ

ତାଳଚେର, ୭ ।୧୧(ସମିସ): ତାଳଚେର ବ୍ଲକ କଳମାଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୁନିକୁନି ଛାତ୍ରଛାତ୍ରୀମାନେ ଗୋପାଳପ୍ରସାଦସ୍ଥିତ ମା ହିଙ୍ଗୁଳା ମନ୍ଦିର ପରିଦର୍ଶନ କରିଥିଲେ। ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଭ୍ରମଣ ପରିଯୋଜନା ଅନୁଯାୟୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୋଧ ଓ ପ୍ରାରମ୍ଭ ଶ୍ରେଣୀର ୧୨୩ଜଣ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଥିଲା। କଳମାଛୁଇଁ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ ଓ ପ୍ରାତଃ ପର୍ଯ୍ୟାୟ ପ୍ରମୁଖ



ବସନ୍ତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶୁମାନେ ପ୍ରଥମେ ମା' ହିଙ୍ଗୁଳାଙ୍କ ଦର୍ଶନ କରିବା ସହ ମନ୍ଦିର ପରିସରରେ ଭ୍ରମଣ କରିଥିଲେ। ଶିଶୁ ବାଟିକା ପ୍ରମୁଖ ଅର୍ଚ୍ଚନା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଶେଷରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ମା' ହିଙ୍ଗୁଳାଙ୍କ ଖେଚୁଡି ଭୋଗ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର କୋଷାଧ୍ୟକ୍ଷ ପଞ୍ଚାନନ ବେହେରା, ସଦସ୍ୟା ଅଲୀଅଳି ବେହେରା, ସାଗରିକା ସେଠୀଙ୍କ ସହ ଗୁରୁମା ସରସ୍ୱତୀ ସାହୁ, ରଞ୍ଜୁବାଳା ସାହୁ, ପୁଷ୍ପାଞ୍ଜଳୀ ବେହେରା, ରାଗିଣୀ ସ୍ୱାଇଁ, କୁମୁଦ ସାହୁ, ନିତ୍ୟାନନ୍ଦ ବେହେରା, ବବିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# 'ସୁରଭି' ପ୍ରତିଯୋଗିତାରେ କିଶୋରନଗର ବ୍ଲକର ସଫଳତା

କିଶୋରନଗର ୭ ।୧୧(ସମିସ): ଅନୁଗୋଳଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତାରେ କିଶୋରନଗର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ୬ଟି ବିଭାଗରେ ୬ଜଣ ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ହାସଲ କରିରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେଥିମଧ୍ୟରୁ ବରିଷ୍ଠ ବିଭାଗ ବିତର୍କ ପ୍ରତିଯୋଗିତାରେ କିଶୋରନଗର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବିଜୟାଲକ୍ଷ୍ମୀ ସାହୁ, ବରିଷ୍ଠ ବିଭାଗ ସଙ୍ଗୀତ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରଣିଆକଟାର ଛାତ୍ରୀ ସ୍ମାଇଲ ପ୍ରଧାନ, ବରିଷ୍ଠ ଉଚ୍ଚ ମାଧ୍ୟମିକ ସୃଜନଶୀଳ ଲିଖନ ପ୍ରତିଯୋଗିତାରେ ଜନତା ମହାବିଦ୍ୟାଳୟ, ବଇଣ୍ଡାର ଛାତ୍ରୀ ସୀମାରେଖା ସାହୁ, କନିଷ୍ଠ ଶ୍ରୁତଲିଖନ ଓ ହସ୍ତାକ୍ଷର ପ୍ରତିଯୋଗିତାରେ ଫୁଲାମ୍ବା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମନସ୍ୱିନୀ ଠାକୁର, ବରିଷ୍ଠ ଦିବ୍ୟାଙ୍ଗ ଚିତ୍ରାଙ୍କନ ପ୍ରତିଯୋଗିତାରେ ଧଉରାପାଲି ଉ. ପ୍ରା ବିଦ୍ୟାଳୟର ଛାତ୍ରୀ ମଧୁସ୍ମିତା ତାଣ୍ଡିଆ ଓ କନିଷ୍ଠ ମଧ୍ୟାହ୍ନ ଭୋଜନ ଓ ହସ୍ତକଳା ପ୍ରତିଯୋଗିତାରେ ଓଷ୍କାପାଲି ଉ.ପ୍ରା ବିଦ୍ୟାଳୟର ଛାତ୍ର ଦୀନେଶ ଦେହୁରୀ ପ୍ରଥମ ସ୍ଥାନ ଲାଭକରି ଭୁବନେଶ୍ୱରଠାରେ ଶିଶୁ ଦିବସ ଅବସରରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି 'କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି।

# ଡଆଁରା ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା

ତାଳଚେର, ୭ ।୧୧(ସମିସ)

ତାଳଚେର ବ୍ଲକ ଡଆଁରା ନୋଡ଼ାଲ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ତାଳଚେର ଗୋଷ୍ଠୀ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ପ୍ରଦୀପପ୍ରଜ୍ଜଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ.ସରୋଜ କୁମାର ରଥ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ବୁଜ କିଶୋର ଗଡ଼ନାୟକ, ଡଆଁରା ସରପଞ୍ଚ ନନ୍ଦକିଶୋର ବେହେରା, ସମିତି ସଭ୍ୟା ଅଶାନ୍ତି ପ୍ରଧାନ, ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁର ସଭାପତି ଇଂ.ଦିଲୀପ କୁମାର ପ୍ରଧାନ ଓ ଡଆଁରା ହାଇସ୍କୁଲର ପ୍ରଧାନଶିକ୍ଷୟତ୍ରୀ କବିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୂତନତ୍ୱ ସୃଷ୍ଟି କରିବା ପାଇଁ ବିଜ୍ଞାନ ମେଳା ଏକ ପ୍ରମୁଖ ମାଧ୍ୟମ ଅଟେ। ଛାତ୍ରଛାତ୍ରୀମାନଙ୍କର ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ବିଜ୍ଞାନମନସ୍କ କରାଇବା ନିମନ୍ତେ ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ ସପ୍ତାହରେ ଅନ୍ୟୁନ ଗୋଟିଏ ଘଣ୍ଟା ବିଜ୍ଞାନ ସମ୍ବନ୍ଧୀୟ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବା ପାଇଁ ସେ ଆହ୍ୱାନ କରିଥିଲେ। ସେହିପରି ମୁଖ୍ୟବକ୍ତା




ଡ.ସରୋଜ ରଥ ନିଜ ବକ୍ତବ୍ୟରେ କୁନି କୁନି ପିଲାମାନଙ୍କ ମନରେ ଉଠୁଥିବା ବିଭିନ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ସରଳ, ବୋଧଗମ୍ୟ ଭାଷାରେ ବୁଝାଇଲେ ସେମାନେ ବିଜ୍ଞାନ ପ୍ରତି ଆକର୍ଷିତ ହୋଇପାରିବେ ବୋଲି କହିଥିଲେ। ଏହି ମେଳାରେ ତାଳଚେର ବ୍ଲକ ଅନ୍ତର୍ଗତ ୧୧୪ଟି ବିଦ୍ୟାଳୟରୁ ୧୧୬ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏହାସହିତ ପିଲାମାନଙ୍କ ମଧ୍ୟରେ ବିଜ୍ଞାନ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଦ୍ୟାଳୟର ଛାତ୍ରାଛାତ୍ରୀମାନେ ବିଜ୍ଞାନ ଡ୍ରାମା ଓ ଚିତ୍ତାକର୍ଷକ ଲୋକନୃତ୍ୟ ପରିବେଷଣ କରିଥିଲେ। ଶେଷରେ କୃତି ପ୍ରତିଯୋଗିମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପଡ଼ିଆଭଙ୍ଗା ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଲତିକା ମହାପାତ୍ର ଓ ଡଆଁରା ହାଇସ୍କୁଲର ସହକାରୀ ଶିକ୍ଷୟତ୍ରୀ ପ୍ରିୟଦର୍ଶନୀ ପ୍ରଧାନ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ କବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୋପାଳ ଶର୍ମା, ତ୍ରିଲୋଚନ ପ୍ରଧାନ, ଚତୁର୍ଭୁଜ ଦେହୁରୀ, ଅରବିନ୍ଦ ନାଏକ, ବୈକୁଣ୍ଠ ପ୍ରଧାନ, ଅଞ୍ଜଳୀ ପୃଷ୍ଟି, ମମତା ନନ୍ଦ, ବୈଜୟନ୍ତୀ ପ୍ରଧାନ, ବିଳାସିନୀ ବେହେରା, ଯସ୍ମିନ ମୁର୍ମୁ, ପଦ୍ମିନୀ ବେହେରା, ଟିକନ ସାହୁ, ଗିରିଶ ଚନ୍ଦ୍ର ସାହୁ ଓ ବେବିନା ନାହକ ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା

# 'ଛାତ୍ରଛାତ୍ରୀମାନେ ବିଜ୍ଞାନ ପ୍ରତି ଆଗ୍ରହୀ ହେବା ଉଚିତ'

ଅନୁଗୋଳ, ୭ା୧୧(ସମିସ): ବର୍ତ୍ତମାନ ଯୁଗରେ ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନ ଜରୁରୀ ହୋଇ ପଡ଼ିଛି। ବିଜ୍ଞାନ ଦ୍ୱାରା ମଣିଷ ଚନ୍ଦ୍ରଭୂମିକୁ ଯାଇପାରୁଛି। ପ୍ରତ୍ୟେକ ଛାତ୍ରଛାତ୍ରୀ ବିଜ୍ଞାନ ପ୍ରତି ମନ ବଳାଇବା ଦରକାର। ଆଗାମୀ ଦିନରେ ଯେଭଳି ଅଧିକରୁ ଅଧିକ ବୈଜ୍ଞାନିକ ବାହାରିବେ, ସେଥିପ୍ରତି ଛାତ୍ରୀଛାତ୍ର ମାନେ ଧ୍ୟାନ ଦେବା ଆବଶ୍ୟକ ବୋଲି ଗୁରୁବାର ଦିନ କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ହାଇସ୍କୁଲ ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ ବିଜ୍ଞାନ ମେଳାର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ବିଧାୟକ ନଳିନୀ କାନ୍ତ ପ୍ରଧାନ ଯୋଗ ଦେଇ ମତ ପ୍ରକାଶ କରିଛନ୍ତି। କିଶୋରନଗର ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସୁଜନ କୁଆର ସାହୁ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟବକ୍ତା ଭାବରେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, କିଶୋରନଗର ବ୍ଲକ ଅଧକ୍ଷ୍ୟା ଶୈରେନ୍ଦ୍ରି ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଲୁହାମୁଣ୍ଡା ସରପଞ୍ଚ କୁମୁଦ ଚନ୍ଦ୍ର ସାହୁ, ସମିତିସଭ୍ୟ ଧୋବେଇ ବେହେରା ଯୋଗ ଦେଇଥିଲେ। ଶିକ୍ଷକ ନିତ୍ୟାନନ୍ଦ ବାରିକ ବେଦପାଠ କରିଥିବା ବେଳେ ଶିକ୍ଷକ ବିଶ୍ୱରଞ୍ଜନ ସାହୁ ବିବରଣୀ ପାଠ କରିଥିଲେ। ଲୁହାମୁଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ସଭାପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ବ୍ଲକର ୧୫୧ଟି ବିଦ୍ୟାଳୟରୁ ୧୫୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିରୁ ୭ଟି ପ୍ରକଳ୍ପ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ସ୍ଥାନ ପାଇବା ପାଇଁ ମନୋନୀତ ହୋଇଛି। ଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ, ସସ୍ମିତା ପ୍ରଧାନ, ସୁଦ୍ଧାସିମନ୍ତିନି ବିଶ୍ୱାଳ, ବାସୁଦେବ ବେହେରା, ଅରୁଣ କୁମାର ସାହୁ ଓ ପ୍ରାଣବନ୍ଧୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।



## ମୌସୁମୀ ମୃତ୍ୟୁ ମାମଲା
# ନ୍ୟାୟ ପାଇଁ ପରିବାର ବର୍ଗ ଏସ୍‌ପିଙ୍କ ଦ୍ୱାରସ୍ଥ

ଢେଙ୍କାନାଳ, ୭।୧୧(ସମିସ)

ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀ ମନ୍ଦିର ରୋଡରେ ଥିବା ଜନୈକା ନବ ବଧୂକୁ ଗତ ୨୭ତାରିଖ ଦିନ ଶାଶୁଘର ସଦସ୍ୟ ହତ୍ୟା କରିଥିବାର ଥାନାରେ ଅଭିଯୋଗ ହୋଇଥିଲା। ଘଟଣାର ୧୦ ଦିନ ପରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ବିଫଳ ହୋଇଥିବାରୁ ନ୍ୟାୟ ପାଇଁ ମୌସୁମୀର ପରିବାର ବର୍ଗ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବାର ଜଣାପଡ଼ିଛି।

ଗାନ୍ଧୀ ମନ୍ଦିର ରୋଡ୍‌ରେ ରହୁଥିବା ହେମନ୍ତ କୁମାର ମହାପାତ୍ରଙ୍କ ପୁଅ ଶରତ ମହାପାତ୍ର ଗତ ମାର୍ଚ୍ଚ ୬ ତାରିଖରେ ସଦରଥାନା ଝାରଗାଡିଆ ଫାଣ୍ଡି ସିମିନଇ ଗ୍ରାମର ସରୋଜ କୁମାର ସିଂହଙ୍କ ଝିଅ ମୌସୁମୀ ମଧୁସ୍ମିତାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କ ଭଉଣୀଙ୍କ ଅଭିଯୋଗ ଅନୁସାରେ ବିବାହର ୪ମାସ ପରେ ମୌସୁମିଙ୍କ ଶାଶୁଘର ସଦସ୍ୟ ତାଙ୍କୁ ନିର୍ଯାତନା ଦେବା ସହିତ ମାଡ଼ମାରିବା, ଅଧିକ ଯୌତୁକ ଦାବି କରିବା, ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିଲେ। ଏପରିକି ତାଙ୍କୁ ଚେଙ୍କ ଦେଇଥିବାର ଅଭିଯୋଗ ହୋଇଛି। ଘଟଣାର ୧୦ ଦିନ ପରେ ପୁଲିସ କୌଣସି ପଦକ୍ଷେପ ଗ୍ରହଣ ନ କିରବାରୁ ପରିବାର ବର୍ଗ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଏସିପି ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ସହିତ ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ କହିଛନ୍ତି।




ସେହିପରି ତାଙ୍କ ବାପା ସରୋଜ ପୁଲିସର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଇବା ସହିତ ସେମାନେ ରାଜନୈତିକ ଛତ୍ରଛାୟା ତଳେ ରହୁଥିବାରୁ ସେମାନଙ୍କୁ ଗିରଫ କରିବାରେ ପୁଲିସ ବିଫଳ ହୋଇଛି। ତାଙ୍କ ଝିଅଙ୍କୁ ନ୍ୟାୟ ପ୍ରଦାନ ସହିତ ଦୋଷୀଙ୍କୁ କଠୋର ଦଣ୍ଡ ପ୍ରଦାନ ପାଇଁ ସେ ଦାବି କରିଛନ୍ତି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି କହିବା ସହିତ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଏହି ଘଟଣାକୁ ନେଇ ମୌସୁମୀର ମାଆ ବିଜୟଲକ୍ଷ୍ମୀ ସିଂହ ଦୋଷୀଙ୍କୁ ଦଣ୍ଡ ଦେବା ସହିତ ତାଙ୍କ ଝିଅକୁ ଯେପରି ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଛି, ସେହିଭଳି ଦୋଷୀମାନଙ୍କୁ ଫାଶୀ ମିଳୁ ବୋଲି କହିଛନ୍ତି। ପ୍ରକାଶ ଥାଉକି ଗତ ଲକ୍ଷ୍ମୀପୂଜା ଭସାଣି ଦିନ ଗାନ୍ଧୀ ମନ୍ଦିର ରୋଡରେ ରହୁଥିବା ହେମନ୍ତ କୁମାର ମହାପାତ୍ରଙ୍କ ପରିବାର ମୌସୁମୀଙ୍କୁ ନିସ୍ତୁକ ମାଡ଼ ମାରି ଲହୁଲହୁଣକରି ପକାଇଦେବା ପରେ ଝିଅର ଶାଶୁ ମୌସୁମୀ ବିଷ ଖାଇଦେଇଛି ବୋଲି କହିବା ସହିତ ସେ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା କଥା କହିଥିଲେ। ଖବର ଶୁଣି ବାପା ସରୋଜ ନିଜ ଝିଅ ଘରକୁ ଯାଇଥିବା ବେଳେସେଠାରେ ନିଜ ଝିଅର ମୃତ୍ୟୁ ହୋଇଥିବାର ଦେଖିବାକୁ ପାଇଥିଲେ। ତାଙ୍କ ଝିଅକୁ ପ୍ରବଳ ମାଡ ମାରିବା ପରେ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ସରୋଜ ରାତି ୩ଟା ସମୟରେ ଅଭିଯୋଗ କରିଥିବା ବେଳେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ଘଟଣା ପରେ ୧୦ ଦିନ ହେବ ଶାଶୁଘର ପରିବାର ସଦସ୍ୟ ଘରୁ ଫେରାର ହୋଇଯାଇଛନ୍ତି। ପୁଲିସ ଏ ନେଇ ଏକ ମାମଲା ରୁଜ୍ଜୁ କରି ଶବ ବ୍ୟବଚ୍ଛେଦ ପରେ ଶାଶୁ ଘର ସଦସ୍ୟ କେହି ନଥିବାରୁ ବାଧହୋଇ ଝିଅର ବାପା ମାଆଙ୍କୁ ଶବ ହସ୍ତାନ୍ତର କରିଥିଲେ। ସେଠାରୁ ଝିଅର ଶବକୁ ଅଣାଯାଇ ସମିନଇ ଶ୍ମଶାନରେ ଦାହ କରାଯାଇଥିଲା। ଝିଅର ବାପା ସରୋଜ କୁମାର ସିଂହ ଝିଅର ଶାଶୁ, ଶ୍ୱଶୁର, ଯାଆ, ନଣନ୍ଦ ଏବଂ ସ୍ୱାମୀଙ୍କ ନାମରେ ଅଭିଯୋଗ କରିଛନ୍ତି। ଝିଅ ରଶି ଲଗାଇ ମୃତ୍ୟୁ ବରଣ କରଛି ବୋଲି ଶାଶୁଘର ଲୋକ ଅଭିଯୋଗ କରୁଥିବା ବେଳେ ଝିଅର ପରିବାର ତାକୁ ହତ୍ୟା କରାଯାଇଥିବାର ଅଭିଯୋଗ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଛି। ଘଟଣାକୁ ନେଇ ପରିବାର ବର୍ଗ ଏସପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ହିନ୍ଦୋଳ, ୭।୧୧(ସମିସ): ହିନ୍ଦୋଳ ବ୍ଲକ ଅନ୍ତର୍ଗତ ନୂଆବଗ ଗ୍ରାମରେ ହାତୀ ଆକ୍ରମଣରେ ଜନୈକ ବୃଦ୍ଧ ଗୁରୁତର ଆହତ ହୋଇ ଚିକିତ୍ସିତ ହୋଇଛି। ନୂଆବଗ ଗ୍ରାମର ମୁରଲୀ ସାହୁ(୬୯) ଗୁରୁବାର ସକାଳ ସମୟରେ ଗ୍ରାମ ନିକଟସ୍ଥିତ ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ସେଠାରେ ଏକ ହାତୀ ସହିତ ମୁହାଁମୁହିଁ ହୋଇଥିଲା। ଏହି ହାତୀଟି ମୁରଲୀଙ୍କୁ ଆକ୍ରମଣ କରିବା ସହିତ ଶୁଣ୍ଢରେ ଟେକି କଚାଡି ଦେଇଥିଲା। ଏହି ଆକ୍ରମଣରେ ମୁରଲୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀମାନେ ମୁରଲୀଙ୍କର ଚିତ୍କାର ଶୁଣି ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଉଦ୍ଧାର କରି ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନନ୍ତରିତ କରାଯାଇଛି। ଖବର ପାଇ ହିନ୍ଦୋଳ ବନବିଭାଗ ଅଧିକାରୀ ଆହତ ମୁରଲୀଙ୍କୁ ସମସ୍ତ ସହାୟତା ଯୋଗାଇଦିଆଯିବ



ବୋଲି କହିଛନ୍ତି। ହିନ୍ଦୋଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଥିବାବେଳେ ବନବିଭାଗ ବେଫିକର ହୋଇ ବସିବା ସହିତ ସରକାର ଆଖିବୁଜି ଦେବା ଘଟଣା ଜନସାଧାରଣଙ୍କୁ ମର୍ମାହତ କରିଛି। ହାତୀ ଘେରରେ ଥିବା ହିନ୍ଦୋଳ ଜନସାଧାରଣଙ୍କୁ ତୁରନ୍ତ ସୁରକ୍ଷା ପ୍ରଦାନ କରିବାପାଇଁ ବନବିଭାଗ ଓ ରାଜ୍ୟ ସରକାରଙ୍କୁ ଦାବି କରାଯାଇଛି।

## ଶସ୍ତା ମନ୍ତବ୍ୟ ଦେବାରେ ବିଜେପି ମାଷ୍ଟର: ମହେଶ ସାହୁ

ଢେଙ୍କାନାଳ, ୭।୧୧(ସମିସ): ନିର୍ବାଚନ ପୂର୍ବରୁ ବିଜେପି ନେତାମାନେ ଶସ୍ତା ଓ ମିଛକଥା କହି ଶାସନ କ୍ଷମତାରେ ବସିଲେ। ଆଜି ପର୍ଯ୍ୟନ୍ତ ମାଗଣା ବିଜୁଳି, ପ୍ରତ୍ୟେକ ମହିଳାଙ୍କୁ ୧୦୦୦ଟଙ୍କା, ଭତ୍ତା ହିତାଧିକାରୀମାନଙ୍କୁ ୩୦୦୦ ଟଙ୍କା କଥା ସବୁ ପାଣିର ଗାର ପାଲଟିଛି। ଆଳୁ ୩୦ ଟଙ୍କା ଉପରେ ବ୍ୟବସାୟୀ ବିକ୍ରି କଲେ ଦୃଢ କାର୍ଯ୍ୟାନୁଷ୍ଠାନ, ହେଲେ କାର୍ଯ୍ୟାନୁଷ୍ଠାନ ନାହିଁ। ପ୍ରଧାନମନ୍ତ୍ରୀ କହିଥିଲେ ପ୍ରତି ଆକାଂକ୍ଷା ଜିଲ୍ଲାରେ ମେଡିକାଲ୍ କଲେଜ୍ ହେବ। ମାତ୍ର ତାହା ପୂରଣ ହେବା ପୂର୍ବରୁ ଡବଲ ଇଞ୍ଜିନ୍ ସରକାର କହିଲେ ପ୍ରତି ଜିଲ୍ଲାରେ ମେଡିକାଲ୍ କଲେଜ୍ ହେବ। ତାଳଚେର ଠାରେ ତୁରନ୍ତ ମେଡିକାଲ୍ କଲେଜ ଚାଲୁ କର, ତା' ପରେ ପ୍ରତି ଜିଲ୍ଲା କଥା ଚିନ୍ତା କରିବ ବୋଲି କହିଛନ୍ତି ପୂର୍ବତନ ବିଧାୟକ ମହେଶ ସାହୁ। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ କଥା ଦେଇ କଥା ରଖିପାରିଲେ ନାହିଁ, ଅନ୍ୟକଥା କିଏ ପଚାରେ। ନ ଅଜବ କଥା କହି ସରକାରକୁ ଆସିଲେ। ସରକାରୀ ଚଳାଇବାର ଜ୍ଞାନ ନାହିଁ। କାହାକୁ କେତେବେଳେ କହୁଛନ୍ତି ଜାଣି ପାରୁନାହାଁନ୍ତି। ପାଟିରୁ ଯାହା ବାହାରିଲା କହି ଯାଉଛନ୍ତି। କ'ଣ କହୁ କହୁ କହି ଦେଉଛନ୍ତି ଯେ ପରବର୍ତ୍ତି ସମୟରେ କ'ଣ କହିଲେ ମନେ ପଡୁନାହିଁ। କଥାରେ ତାଳମେଳ ଖାଉ ନାହିଁ। ଢେଙ୍କାନାଳ ଠାରୁ ପାଲଲହଡା ପର୍ଯ୍ୟନ୍ତ ଯେଉଁମାନେ ବିଜେପିକୁ ସମର୍ଥନ କଲେ ଓ ଅନେକ ବିଜେପିରେ ନିର୍ବାଚନ ପୂର୍ବରୁ ସାମିଲ୍ ହେଲେ ଏବେ ଏତେ ଅନୁତପ୍ତ ଯେ, ତାହା ପଞ୍ଚାୟତ ନିର୍ବାଚନରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହେବ ବୋଲି ସାଧାରଣରେ ଚର୍ଚ୍ଚା। ବିଜେପି ନେତାମାନେ ଯାହା କୁହନ୍ତି ସେଥିପାଇଁ ୫୦ଥର ଭାବି ମନ୍ତବ୍ୟ ଦେବା ଉଚିତ୍ ବୋଲି ବିଜେଡି ନେତା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ମଠକରଗୋଳା କଲେଜରେ ସ୍କାଉଟ୍, ଗାଇଡ୍ ଦିବସ



ଭୁବନ, ୭।୧୧(ସମିସ): ଭୁବନ ବ୍ଲକ ଅନ୍ତର୍ଗତ ମଠକରଗୋଳା ମହାବିଦ୍ୟାଳୟରେ ଭାରତ ସ୍କାଉଟ୍ ଏବଂ ଗାଇଡ୍ ଶାଖା ତରଫରୁ ହୀରକ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସେବା ସଂକଳ୍ପ ସଂଘର୍ଷକୁ ପାଥେୟ କରି ବିଦ୍ୟାର୍ଥୀ ଜୀବନ ଆଗକୁ ବଢ଼ିବା ଦରକାର ବୋଲି ଅଧ୍ୟକ୍ଷ ଚିତ୍ତ ରଞ୍ଜନ ଦାସ ପ୍ରକାଶ କରିଥିଲେ। ସଚେତନତା ସଭାରେ ଅଧ୍ୟକ୍ଷ ଶ୍ରୀ ଦାଶ ଭାରତ ସ୍କାଉଟ୍ ଓ ଗାଇଡ୍‌ର ଅଭ୍ୟୁଦୟ, କ୍ରମ ବିକାଶ ଓ ଆବଶ୍ୟକତା ଉପରେ ମତ ରଖିଥିଲେ। ପ୍ରତ୍ୟୁଷରୁ ସମସ୍ତ ରୋଭର ଓ ରେଞ୍ଜର ସ୍ଲୋଗାନ, ପ୍ଲାକାର୍ଡ ଓ ବ୍ୟାନର ଧରି ଜନ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ରୋଭର ଲିଡର ଲଳିତ କୁମାର ବେହେରା ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ରେଞ୍ଜର ଲିଡର ଅଧ୍ୟାପିକା ଅର୍ଚ୍ଚିତା ମହାମାନସିଂ ଦିବସର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇ କାମାକ୍ଷାନଗର ଅଗ୍ନିଶମ ସେବା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ ଆପାତକାଳୀନ ସତର୍କତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାକ୍ତନ ରୋଭର ଲିଡର ଅଧ୍ୟାପକ ପ୍ରବିର କୁମାର ବିଶ୍ୱାଳ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଗଠନରେ ସ୍କାଉଟ ଗାଇଡ୍‌ର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀ ସୁଦେଷ୍ଣା ସାହୁ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ଓ କପ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଲଳିତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଚାକିରି ନାମରେ ଲକ୍ଷାଧିକ ଟଙ୍କା ଠକେଇ
# ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କଲେ ବେକାର ଯୁବକ ଯୁବତୀ

ଢେଙ୍କାନାଳ, ୭।୧୧(ସମିସ): ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳର ବେକାର ଯୁବକ ଯୁବତୀମାନଙ୍କୁ ଚାକିରି ଦେବା ସହିତ ଗରିବ ଲୋକଙ୍କୁ ସହାୟତା ପ୍ରଦାନ କରିବା ନାମରେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରାଯାଇଥିବାର ଅଭିଯୋଗ ହୋଇଛି।

ଓଡ଼ାପଡ଼ା ବ୍ଲକ ବେଶାଳିଆ ଗ୍ରାମର ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ ଅଭିଯୋଗ ଅନୁସାରେ ରାଜ୍ୟ ସମବାୟ ସମିତି ଲିମିଟେଡ ନାମକ ଏକ ସଂସ୍ଥା ନିଜକୁ ସେମି ସରକାରୀ କହି ଚାକିରି କରିଦେବା ନାମରେ ଜଏନିଂ ଫି ବାବଦକୁ ୧ ହଜାର ୧୮୦ ଟଙ୍କା ଏବଂ ୨ ହଜାର ୩୬୦ଟଙ୍କା ଲେଖାଏଁ ଏଭଳି ୧୧୨ ଜଣ ଯୁବକ ଯୁବତୀଙ୍କଠାରୁ ନେଇଯାଇଛି। ସେହିପରି ଗରିବ ଲୋକମାନଙ୍କ ଠାରୁ ପାସବୁକ କରାଇବା ସହିତ ବ୍ୟବହାର ସାମଗ୍ରୀରେ ୧୫ରୁ ୬୦ ଭାଗ ଛାଡ, ମୃତ୍ୟୁବରଣ କଲେ ୨୦ ହଜାର ଟଙ୍କା ସହାୟତା ପ୍ରଦାନ ସହିତ ୧୦ବର୍ଷ ପର୍ଯ୍ୟନ୍ତ ମାଗଣା ରାସନ ପ୍ରଦାନ କରିବା, ଦୁର୍ଘଟଣା ହେଲେ ୫ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯିବ ବୋଲି କହି ଏହି ଟଙ୍କା ଠକି ନେଇଥିବାର ଜଣାପଡ଼ିଛି। ଏଭଳି ଜିଲ୍ଲାରୁ ପ୍ରାୟ ୩୦ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଥିବାର ଅଭିଯୋଗ କରାଯାଇଛି। ଏହି ସଂସ୍ଥା ନିଜର ନାମକୁ ବାରମ୍ବାର ପରିବର୍ତ୍ତନ କରିବା ସହିତ ଆଗ୍ରୋ ଏଣ୍ଡ ଲେବର ମଲ୍‌ଟି ଷ୍ଟେଟ କର୍ପୋରେସନ, ଏସଏସ ମାର୍ଟ, ଏସଏସ ନ୍ୟୁଜ୨୪ ମିଡିଆ, ମାଇ ମିଶନ ଜରିଆରେ ଠକୁଥିବାର ଅଭିଯୋଗ ହୋଇଛି। ଏହି ସଂସ୍ଥାର ନିର୍ଦ୍ଦେଶକ ସମ୍ବଲପୁରର ଶ୍ୟାମଲାଲ ପ୍ରଧାନ ଏବଂ ତାଙ୍କ ପତ୍ନୀ ସୁନିତା ବାଗ ହୋଇଥିବା ବେଳେ ବର୍ତ୍ତମାନ ତାଙ୍କର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ତମାଣ୍ଡୋରେ ବୋଲି ଜଣାପଡ଼ିଛି। ଏହି ଘଟଣାର ତଦନ୍ତ ସହିତ ଗରିବ ଏବଂ ବେକାର ଯୁବକ ଯୁବତୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଘଟଣାକୁ ନେଇ ଏକ ୱେବ ଚାନେଲ ମିଥ୍ୟ ଖବର ଅଶ୍ୱିନୀଙ୍କ ନାମରେ ପ୍ରସାରଣ କରିବା ସହିତ ଧମକ ଚମକ ଦେଉଥିବାରୁ ତାଙ୍କ ପତ୍ନୀ ସୁଦେଷ୍ଣା ପଟ୍ଟନାୟକ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୱେବ ଚାନେଲର ନିର୍ଦ୍ଦେଶକ ଅନ୍ୟମାନଙ୍କ ନାମରେ ଅଭିଯୋଗ କରିଛନ୍ତି।

## ଆସେଟ୍ କମ୍ପ୍ୟୁଟର ସେଣ୍ଟର ପକ୍ଷରୁ ମିନି ମାରାଥନ୍

ଢେଙ୍କାନାଳ, ୭।୧୧(ସମିସ): ସ୍ଥାନୀୟ ରଥଗଡ଼ା ସ୍ଥିତ ଆସେଟ୍ କମ୍ପ୍ୟୁଟର ସେଣ୍ଟର ତରଫରୁ ଏକ ମିନି ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଏହି ମାରାଥନରେ ଅନେକ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ ୪୦୦ମିଟର ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆସେଟ୍ ଅନୁଷ୍ଠାନର ଅନେକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।




ପ୍ରତିଯୋଗିତାରେ ବାଳିକା ବିଭାଗରେ ପ୍ରିୟଦର୍ଶିନୀ ସାହୁ ପ୍ରଥମ, ଲିପ୍ସା ମହାରଣା ଦ୍ୱିତୀୟ, ପ୍ରିୟଦର୍ଶିନୀ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବାଳକ ବିଭାଗରେ ନୃସିଂହ ନାୟକ ପ୍ରଥମ, ନାରାୟଣ ନାୟକ ଦ୍ୱିତୀୟ ଓ ସିଦ୍ଧାର୍ଥ ଶଙ୍କର ମହାପାତ୍ର ତୃତୀୟ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ବିକ୍ରମ କେଶରୀ ସାହୁ, ବାଦଲ କୁମାର ମହାରଣା, ସ୍ୱପ୍ନା ମୁଦୁଲି, ମାୟାଧର ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଆସେଟ୍ ଅନୁଷ୍ଠାନର ମୁଖ୍ୟ ପ୍ରଭାତ ଦେହୁରୀ ଯୋଗଦେଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ଜନଜାତିଙ୍କ ସମସ୍ୟା ନେଇ ଦାବିପତ୍ର
# ୫୯ଟି ଗ୍ରାମକୁ ପିଭିଟିଜି ତାଲିକାଭୁକ୍ତ କରିବାକୁ ଦାବି

ଢେଙ୍କାନାଳ ୭।୧୧(ସମିସ): ଢେଙ୍କାନାଳ ଜିଲ୍ଲାରେ ବସବାସ କରୁଥିବା ଜନଜାତି ଜୁଆଙ୍ଗ ମାନଙ୍କ ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ଜୁଆଙ୍ଗ ସମ୍ପ୍ରଦାୟଙ୍କ ତରଫରୁ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲାରେ ଥିବା ୧୬୮ଟି ଗ୍ରାମରେ ୨୦୧୮ ମସିହାର ସର୍ଭେ ଅନୁସାରେ ୧୦୯ଟି ଗ୍ରାମକୁ ତାଲିକା ଭୁକ୍ତ କରାଯାଇଛି। ଅନ୍ୟ ୫୯ଟି ଗ୍ରାମରେ ଥିବା ଜୁଆଙ୍ଗ ସମ୍ପ୍ରଦାୟର ପରିବାର ବିଭିନ୍ନ ସୁବିଧାସୁଯୋଗରୁ ବଞ୍ଚିତ ହେଉଛନ୍ତି। ଧନଜନ ସୁବିଧା ସୁଯୋଗ ସେମାନଙ୍କ ପାଇଁ ସାତସପନ ହୋଇଥିବା ବେଳେ ସରପଞ୍ଚ ଏବଂ ସରକାରୀ କର୍ମଚାରୀମାନଙ୍କ ହେୟ ମନୋଭାବ



ଯୋଗୁଁ ଧନଜନ ଯୋଜନାଗୃହ, ପାନୀୟ ଜଳ, ରାସ୍ତାଘାଟ, ଘରଡିହ ପଟ୍ଟା, ସ୍ୱାସ୍ଥ୍ୟ ସୁବିଧା, ପାଖରେ ବିଦ୍ୟାଳୟ, ଅଙ୍ଗନୱାଡି ଘର ଅଭାବରୁ ଶିକ୍ଷା ବ୍ୟବସ୍ଥାରୁ ବଞ୍ଚିତ ହେଉଥିବାର ଅଭିଯୋଗ ହୋଇଛି। ଘଟଣାକୁ ନେଇ ବ୍ଲକ କାର୍ଯ୍ୟାଳୟରେ ଜଣାଇଲେ ସେମାନେ ବସ୍ତିକୁ ଯାଇ ସଠିକ ତଥ୍ୟ ପ୍ରଦାନ କରୁନଥିବାର ଜଣାପଡ଼ିଛି। ସମସ୍ତ ସମସ୍ୟାକୁ ବିଚାରକରି ତାଲିକାରୁ ବାଦ ପଡ଼ିଥିବା ୫୯ଟି ପରିବାରକୁ ଜୁଆଙ୍ଗ ପିଭିଟିଜି ତାଲିକା ଭୁକ୍ତ କରିବାକୁ ଜିଲ୍ଲା ଆଦିମ ଜନଜାତି ଜୁଆଙ୍ଗ ମହାସଙ୍ଘର ସଭାପତି ମୋହରା ନାୟକ ଏବଂ ସମ୍ପାଦକ ମହାଦେବ ପଧାନ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।

## ରୋଟାରୀ କ୍ଲବ୍‌ର କଣ୍ଟା ସଫେଇ ସେବା କାର୍ଯ୍ୟ




ଢେଙ୍କାନାଳ, ୭।୧୧(ସମିସ): ଢେଙ୍କାନାଳର ଗଣପର୍ବ ପବିତ୍ର ଗଜଲକ୍ଷ୍ମୀ ପୂଜା ସରିବା ପରେ ରୋଟାରୀ କ୍ଲବ୍ ପକ୍ଷରୁ ସ୍ଥାନୀୟ ଜବାହାର ଚୌକ ପୂଜା ମଣ୍ଡପ ଠାରୁ ଲୁହାକଣ୍ଟା ସଫେଇ ସେବା କାର୍ଯ୍ୟ ଆରମ୍ଭ ହୋଇଯାଇଛି। ରୋଟାରୀ କ୍ଲବ୍ ସଭାପତି ପ୍ରଫେସର ହରେକୃଷ୍ଣ କର ଓ ଜବାହାରଚୌକ ପୂଜା କମିଟିର ଅଧ୍ୟକ୍ଷ ନବୀନ ଚନ୍ଦ୍ର ନାରାୟଣ ଦାସ ଏହାକୁ ଶୁଭାରମ୍ଭ କରିଥିଲେ। ପୂଜା ମଣ୍ଡପ ଗୁଡିକରେ ନିର୍ମିତ କପଡ଼ା ତୋରଣ, ସାଜସଜ୍ଜା ସମୟରେ ଅବ୍ୟବହୃତ ଲୁହାକଣ୍ଟା ଏଣେତେଣେ ପଡ଼ିବା ଯୋଗୁଁ, ସାଧାରଣ ପଥଚାରୀଙ୍କ ଗୋଡ଼ରେ କ୍ଷତ ସୃଷ୍ଟି ହେବା ସହିତ ଦୁଇଚକିଆ ଓ ଚାରିଚକିଆ ମୋଟର ଗାଡି ଚକା ପଙ୍କଚର ହେବା ସହ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ସ୍ୱତନ୍ତ୍ର ଭାବେ ଚୁମ୍ବକୀୟ ଧାତବ ନିର୍ମିତ କଣ୍ଟା ସଫେଇ ଯନ୍ତ୍ର ସାହାଯ୍ୟରେ ବାଜିଚୌକ ଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଏହି ସେବା ପ୍ରଦାନ କରାଯାଇଛି। ଆଜି ପ୍ରାୟ ୧୦ କେଜିରୁ ଊର୍ଦ୍ଧ୍ୱ ଓଜନର ଅବ୍ୟବହୃତ ଲୁହାକଣ୍ଟା ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜବାହାରଚୌକ ପୂଜା କମିଟିର ସଭାପତି ଅଶୋକ କୁମାର ସ୍ୱାଇଁ, ସଦାଶିବ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ରୋଟାରୀ କ୍ଲବ୍ ସମ୍ପାଦକ ତପନ ପାଲ୍, ରାଜେନ୍ଦ୍ର ଦାସ, ମହେଶ ପ୍ରସାଦ ଅଗ୍ରୱାଲ, ନିରଦାନନ୍ଦ ନନ୍ଦ, ଅଭିମନ୍ୟୁ ସାହୁ, ପ୍ରଦୋଷ ଶତପଥୀ ଓ ରୋଟାରିଆନ୍ ରାଜ କିଶୋର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ହିନ୍ଦୋଳ ବ୍ଲକ୍‌ରେ ମହାଦୁର୍ନୀତି
# ପୋଖରୀ ପୁନଃନିଲାମକୁ ନେଇ ଗ୍ରାମରେ ଉତ୍ତେଜନା

ହିନ୍ଦୋଳ, ୭।୧୧(ସମିସ)

ହିନ୍ଦୋଳ ବ୍ଲକର ବିଭିନ୍ନ ବିଭାଗରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ଦୀର୍ଘଦିନ ହେବ ଅଭିଯୋଗ ହୋଇଆସୁଛି। ଏ ସମ୍ପର୍କରେ ମଧ ବାରମ୍ବାର ଗଣମାଧମରେ ପ୍ରକାଶ ପାଇଆସୁଥିବା ବେଳେ ଘଟଣାର କୌଣସି ତଦନ୍ତ ନହେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦାକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ଲକର ଯୋଗାଣ ବିଭାଗ ଠାରୁ ଆରମ୍ଭ କରି ସମନ୍ୱିତ ଶିଶୁବିଭାଗ ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ହେଉଛି ମହାଦୁର୍ନୀତି। ବ୍ଲକର ଜନୈକ କାର୍ଯନିର୍ବାହୀ ଯନ୍ତ୍ରୀ ଖୁଲମଖୋଲା କାର୍ଯ୍ୟ କରିବା ପୂର୍ବରୁ ଅର୍ଥ ମାଗିବା ନେଇ ଗତ ଜିଲ୍ଲାପରିଷଦ ବୈଠକରେ ଖୋଦ ଜିଲ୍ଲାପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ଅଧକ୍ଷା ତାଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗ ହେବାର ୧ମାସ ବିତିଯାଇଥିଲେ ମଧ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଓ ହିନ୍ଦୋଳ ବ୍ଲକରୁ ତାଙ୍କୁ ଅନ୍ୟତ୍ର ବଦଳି ନକରିବା ପ୍ରଶାସନ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ଲକର ବାଉଁଶପୋଖରୀ ପଞ୍ଚାୟତର ବରଡ଼ାପାଳ ଗ୍ରାମର ପୋଖରୀ ନିଲାମକୁ ନେଇ ଏବେ ଉଠିଛି ପ୍ରଶ୍ନବାଚୀ। ଗତ ସେପ୍ଟେମ୍ବର ମାସ ୫ ତାରିଖରେ ବାଉଁଶ ପୋଖରୀ ପଞ୍ଚାୟତ ବରଡ଼ାପାଳ ଗ୍ରାମର ବଡ଼ବନ୍ଧ ଏମଆଇପିକୁ





ବରଡାପାଳ ଗ୍ରାମବାସୀ ୫୭ ହଜାର ୮୯୦ ଟଙ୍କାକୁ ନିଲାମ ନେଇଥିଲେ। ଉକ୍ତ ନିଲାମ ହିନ୍ଦୋଳ ବ୍ଲକ ନିର୍ଦ୍ଦେଶ କ୍ରମେ ବ୍ଲକ ଗ୍ରାମପଞ୍ଚ୍ରାୟତ ଅଧିକରୀଙ୍କ ଉପସ୍ଥିତରେ ହୋଇଥିଲା। ସେଦିନ ଠାରୁ ଗ୍ରାମବାସୀ ଉକ୍ତ ପୋଖରୀର ରକ୍ଷଣାବେକ୍ଷଣା କରିବା ସହିତ ପୋଖରୀରେ ପ୍ରାୟ ୨ଲକ୍ଷ ଟଙ୍କାର ମାଛ ଛାଡିଥିବା ବେଳେ ଗତ ୪ ତାରିଖରେ ପୋଖରୀ ୧୩ ତାରିଖରେ ନିଲାମ ହେବା ନେଇ ଗ୍ରାମରେ ନୋଟିସ ମରାଯିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶତାଧିକ ଗ୍ରାମବାସୀ ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟକୁ ଆସି ଗୋଷ୍ଠୀ ଉର୍ନ୍ନୟନ ଅଧିକାରୀଙ୍କୁ ଏନେଇ ଅଭିଯୋଗ କରିଥିଲେ। ନିଲାମ ର କିଛି ତ୍ରୁଟି ଥିବା ଦର୍ଶାଇ ୨ ମାସ ପରେ ପୁନର୍ବାର ନିଲାମ ନୋଟିସ କରାଯାଇଥିବା ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବା ବେଳେ ଆଗାମୀ ଦିନରେ ଉକ୍ତ ନିଲାମକୁ ନେଇ ଯଦି ଗ୍ରାମରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତାହେଲେ ହିନ୍ଦୋଳ ପ୍ରଶାସନ ଏଥିପାଇଁ ଦାୟୀ ରହିବେ ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ହିନ୍ଦୋଳ ଗ୍ରାମ ପଞ୍ଚାୟତ ଅଧିକାରୀ ଅନିତା ଦାସଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ଯେ, ଗତ୨ ମାସ ପୂର୍ବରୁ ଉକ୍ତ ପୋଖରୀ ନିଲାମ ହୋଇଥିଲା। ନିଲାମ ବେଳେ କିଛି କାଗଜପତ୍ର ତ୍ରୁଟି ରହିଯାଇଥିବାରୁ ସେହି ପୋଖରୀକୁ ପୁନର୍ବାର ନିଲାମ କରାଯିବା ନେଇ ନୋଟିସ ଜାରି କରାଯାଇଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ୨ ମାସ ପୂର୍ବରୁ ହୋଇଥିବା ପୋଖରୀ ନିଲାମକୁ ବ୍ଲକର କେଉଁ ଅଧିକାରୀଙ୍କ ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଯାଇ ପୁନର୍ବାର ନିଲାମ କରାଯିବା ପାଇଁ ନୋଟିସ କରାଯାଇଛି। ନିଲାମ ନେଇଥିବା ଗ୍ରାମବାସୀ ପୋଖରୀରେ ୨ଲକ୍ଷରୁ ଅଧିକ ଟଙ୍କାର ମାଛ ଛାଡ଼ିଥିବା ନେଇ କହୁଥିବା ବେଳେ ସେହି ଟଙ୍କାର କିଏ କ୍ଷତି ପୂରଣ ଦେବ ଏହାର ତଦନ୍ତ ଜିଲ୍ଲାପାଳଙ୍କ ଦ୍ୱାରା କରାଯାଇ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଗ୍ରାମରେ କିପରି ଉତ୍ତେଜନା ନହେବ ସେଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି କରାଯାଇଛି।

### ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନରେ ସରକାରଙ୍କ ଟାଳଟୁଳ ମନୋଭାବ

# ଉଗ୍ର ରୂପ ନେଇପାରେ ଜନଅସନ୍ତୋଷ

ପଟ୍ଟାମୁଣ୍ଡାଇ,୭।୧୧(ସମିସ): ପଟ୍ଟାମୁଣ୍ଡାଇକୁ ସବଡିଭିଜନ ମାନ୍ୟତା ପ୍ରଦାନରେ ସରକାରଙ୍କ ଟାଳଟୁଳ ମନୋଭାବ ଜନ ଅସନ୍ତୋଷକୁ ତୀବ୍ର କରିଛି । ଏହି ଅସନ୍ତୋଷ ଉଗ୍ର ରୂପ ନେବାର ସମ୍ଭାବନା ଦେଖାଦେଇଛି। କୁହୁଳୁ ଥିବା ଜନ ଅସନ୍ତୋଷ ଏକ ବିରାଟ ଜନ ଆନ୍ଦୋଳନର ରୂପ ନେବାକୁ ବସିଛି। ରାଜନୈତିକ ଆକ୍ରୋଶର ଶିକାର ପଟ୍ଟାମୁଣ୍ଡାଇକୁ ଅବିଳମ୍ବେ ରାଜସ୍ୱ ସବଡିଭିଜନ ଘୋଷଣା କରିବା ପାଇଁ ଦଳ ମତ ନିର୍ବିଶେଷରେ ରାଜ୍ୟ ସରକାରଙ୍କ ନିକଟରେ ଦାବି ହୋଇଛି ।ସମ୍ପ୍ରତି କେନ୍ଦ୍ରାପଡା ଜିଲ୍ଲାର ଜନସଂଖ୍ୟା ହାରାହାରି୧୬ ଲକ୍ଷରୁ ଉଦ୍ଧ୍ୱର୍ ହେବ ବୋଲି ଜଣାଯାଇଛି। କିନ୍ତୁ ଜିଲ୍ଲାରେ ସବ୍‌ଡିଭିଜନ ନଥିବାରୁ ଜିଲ୍ଲା ମୁଖ୍ୟାଳୟରୁ ଉପାନ୍ତ ଅଞ୍ଚଳକୁ ପ୍ରଶାସନିକ ସେବା ପହଞ୍ଚିବାରେ ସମସ୍ୟା ଦେଖାଦେଉଛି। ପଟ୍ଟାମୁଣ୍ଡାଇ, ରାଜନଗର, ଆଳି ଓ ରାଜକନିକା ଅଞ୍ଚଳର ଜନସାଧାରଣଙ୍କ ନିକଟରେ ତ୍ୱରିତ ପ୍ରଶାସନିକ ସେବା ପହଞ୍ଚାଇବା ପାଇଁ ରାଜନେତା ବିଜୟ କେତନ ସ୍ୱାଇଁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ଗଠନ କରି ଦୀର୍ଘ ୧୫ ବର୍ଷ ଧରି ପଟ୍ଟାମୁଣ୍ଡାଇକୁ ରାଜସ୍ୱ ସବ୍-ଡିଭିଜନ ଘୋଷଣା କରିବା ଦାବିରେ ଆନ୍ଦୋଳନ, ଅନଶନ, ଧାରଣା, ପ୍ରତିବାଦ, ସଭା ଜାରି ରଖାଯାଇଛି । ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦର ସବଡିଭିଜନ ପ୍ରତିଷ୍ଠା ଆନ୍ଦୋଳନକୁ ଦଳ ମତ ନିର୍ବିଶେଷରେ ସମସ୍ତଙ୍କର ସମର୍ଥନ ରହିଛି ।ଏ ନେଇ ବିଧାୟକ ଧ୍ରୁବ ସାହୁ ଗତ ସାଧାରଣ ନିର୍ବାଚନରେ ନିର୍ବାଚନ ଇସ୍ତାହାରରେ ସବଡିଭିଜନ ମାନ୍ୟତା ପ୍ରସଙ୍ଗ ଉଲ୍ଲେଖ କରିଥିଲେ । ଏହାବାଦ ବିଧାୟକ ଧ୍ରୁବ ସାହୁ ବିଧାନସଭାରେ ଦାବି ମଧ୍ୟ ଉପସ୍ଥାପନା କରିଛନ୍ତି । ବର୍ତ୍ତମାନର ସରକାର ଏ ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଇନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି । ତୃଣମୂଳ ସ୍ତରରେ ତ୍ୱରିତ ଶାସନ ବ୍ୟବସ୍ଥା ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ବିକେନ୍ଦ୍ରୀକରଣର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୯୯୩ ମସିହାରେ ରାଜ୍ୟର ୧୩ ଜିଲ୍ଲାକୁ ୩୦ ଜିଲ୍ଲାରେ ପରିବର୍ତ୍ତନ କରିଥିଲେ। ୨୦୧୧ ଜନଗଣନା ଅନୁସାରେ କଟକ ଜିଲ୍ଲାର ଜନସଂଖ୍ୟା ୨୬ ଲକ୍ଷ ୨୪ ହଜାର ୪୭୦ ହୋଇଥିବା ବେଳେ ୩ଟି ସବ୍ ଡିଭିଜନ ରହିଛି। ସେହିପରି ପୁରୀ ଜିଲ୍ଲାରେ ୧୬ ଲକ୍ଷ ୯୮ ହଜାର ୭୩୦ ଜନସଂଖ୍ୟା ରହିଥିବାବେଳେ ଏଠାରେ ଗୋଟିଏ ସବ୍-ଡିଭିଜନ ରହିଛି। ମୟୂରଭଞ୍ଜ ଜିଲ୍ଲାରେ ୨୫ ଲକ୍ଷ ୧୯ ହଜାର ୭୩୮ ଜନସଂଖ୍ୟା ଥିବାରୁ ୩ଟି ସବ୍‌ଡିଭିଜନ ରହିଛି। କେନ୍ଦ୍ରାପଡା ଜିଲାରେ ୧୬.୨ ଲକ୍ଷ ଜନସଂଖ୍ୟା ରହିଥିବାବେଳେ ଏଠାରେ ଗୋଟିଏ ମଧ୍ୟ ସବ୍‌ଡିଭିଜନ ନଥିବାରୁ ଲୋକମାନେ ପ୍ରଶାସନିକ ସେବାରୁ ବଞ୍ଚିତ ହେଉଛନ୍ତି। ରାଜନଗର, ରାଜକନିକା, ଆଳି ଓ ପଟ୍ଟାମୁଣ୍ଡାଇର କେନ୍ଦ୍ରସ୍ଥଳ ଭାବେ ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ମାନ୍ୟତା ମିଳିଲେ ୭ ଲକ୍ଷରୁ ଉଦ୍ଧ୍ୱର୍ ଅଧିବାସୀ ଉପକୃତ ହେବେ ବୋଲି ପଟ୍ଟାମୁଣ୍ଡାଇ, ରାଜନଗର, ଆଳି, ରାଜକନିକାର ବୁଦ୍ଧିଜୀବୀ ମାନେ ମତ ରଖିଛନ୍ତି। ପଟ୍ଟାମୁଣ୍ଡାଇ ଠାରେ ସବଡିଭିଜନ ପ୍ରତିଷ୍ଠା ପାଇଁ ସମସ୍ତ ଭିତ୍ତିଭୂମି ରହିଛି । ପଟ୍ଟାମୁଣ୍ଡାଇରେ ସବ୍ ଡିଭିଜନ ହସ୍ପିଟାଲ, ଏଡିଜେ କୋର୍ଟ, ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସବ୍ ଡିଭିଜନ କାର୍ଯ୍ୟାଳୟ, କୃଷି ଜିଲା କାର୍ଯ୍ୟାଳୟ, ୪ ଟି ମହାବିଦ୍ୟାଳୟ, ୨ ଟି ମହିଳା କଲେଜ, ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ, ୧୪ ଟିରୁ ଅଧିକ ରାଷ୍ଟ୍ରାୟତ ବ୍ୟାଙ୍କ ରହିଛି । ଏଥି ସହ ପର୍ଯ୍ୟାପ୍ତ ସରକାରୀ ଜମି ରହିଛି । ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ହାସଲ ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ - ରାଜନଗରର ଜନସାଧାରଣ ଦଳଗତ ନିର୍ବିଶେଷରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିଛି।ଆଗକୁ ଏହି ଆନ୍ଦୋଳନ ତୀବ୍ରତର ହେବ ବୋଲି ଜନ ସାଧାରଣ ଚେତାଇ ଦେଇଛନ୍ତି। ଜନସାଧାରଣଙ୍କ ଏହି ଦାବିକୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅଣରାଜନୈତିକ ସଂଗଠନମାନେ ସମର୍ଥନ ଜଣାଇଛନ୍ତି।। ଗତ ୧୯୫୧ରୁ ପଟ୍ଟାମୁଣ୍ଡାଇକୁ ନିର୍ବାଚନ ମଣ୍ଡଳୀର ମାନ୍ୟତା ମିଳିଥିଲା । ପଟ୍ଟାମୁଣ୍ଡାଇ ବିଧାନସଭା ଆସନକୁ ଭାଗ ଭାଗ କରି ରାଜନଗର, କେନ୍ଦ୍ରାପଡ଼ା, ଆଳି ବିଧାନସଭା ଆସନ ମଧ୍ୟରେ ମିଶାଇ ଦିଆଯାଇଥିଲା। ପଟ୍ଟାମୁଣ୍ଡାଇବାସୀଙ୍କ ସ୍ୱାର୍ଥ ସ୍ୱା।ଭିମାନର ସୁରକ୍ଷା ଓ ବୃହତ୍ ଗୌରବକୁ ଫେରାଇ ଆଣିବାକୁ ସେବେଠାରୁ ଅଣରାଜନୈତିକ ଗଣ ସଙ୍ଗଠନ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ଘୋଷଣା ଦାବି କରି ଆସୁଥିବା ବେଳେ ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳର ଉତ୍କଳମଣି ଯୁବକ ସଂଘ ଏହି ଆନ୍ଦୋଳନକୁ ଦୃଢ଼ କରିବାକୁ ଏକ ଗଣ ଆନ୍ଦୋଳନ ଗଢି ତୋଳିବାକୁ ପ୍ରୟାସ ଆରମ୍ଭ କରିଛି।

## ବ୍ରାହ୍ମଣପୋଖରୀ ଗାଁରେ ମହିଳାଙ୍କୁ ହତ୍ୟା ଘଟଣାରେ ୩ ଗିରଫ





ରାଜକନିକା,୭।୧୧(ସମିସ): ରାଜକନିକା ଥାନା ଅନ୍ତର୍ଗତ କୋଇଲିପୁର ପଞ୍ଚାୟତ ସଂଗ୍ରାମପୁର, ବ୍ରାହ୍ମଣପୋଖରୀ ଗାଁରେ ଚଳିତବର୍ଷ ଜୁନ ୨୬ତାରିଖ ଦିନ ପାଇଖାନା ଟାଙ୍କି ଖୋଳାକୁ ନେଇ ଦୁଇ ପରିବାର ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଓ ମରଣାନ୍ତକ ଆକ୍ରମଣ ଘଟଣାରେ ସୁଶୀଳା ନାୟକ ନାମକ ଜଣେ ମହିଳାଙ୍କୁ ସଙ୍ଘବଦ୍ଧ ଆକ୍ରମଣର ଶିକାର ହୋଇ ମୃତ୍ୟୁ ବରଣ କରିଥିଲେ । ଏହି ଘଟଣାରେ ସେତେବେଳେ ରାଜକନିକା ପୁଲିସ ୧୮ ଜଣଙ୍କ ନାମରେ ମାମଲା ରୁଜୁ କରିବା ସହ ସୁଧାକର ନାୟକ, ରୋହିତ ବେହେରା, ରଘୁନାଥ ନାୟକ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅନ୍ୟମାନେ ଫେରାର ଥିଲେ। ରାଜକନିକା ପୁଲିସ ଓ ସ୍ପେଶାଲ ସ୍କ୍ୱାଡର୍ ଫେରାରମାନଙ୍କ ମଧ୍ୟରୁ ତିନିଜଣଙ୍କୁ ଆଜି ଚାଲୁଣିଆ ଗାଁରୁ ଗିରଫ କରି କୋର୍ଟ ଚଲାଣ କରିଛି । ସେମାନେ ହେଲେ ଚାଲୁଣିଆ ଗାଁର କୁଞ୍ଜଲତା ପ୍ରଧାନ (୬୩), ମନୋଜ ପ୍ରଧାନ(୨୩) ଓ ଯୁଧିଷ୍ଠିର ପ୍ରଧାନ (୩୬) ।ଏମାନେ ସମସ୍ତେ ଗୋଟିଏ ପରିବାରର ଓ ମା ପୁଅ ବୋଲି ପୁଲିସ ସୂଚନା ଦେଇଛି ।ତେବେ ଘଟଣାର ମୁଖ୍ୟ ସହଯୋଗକାରୀଙ୍କୁ ପୁଲିସ ଜାଣିଶୁଣି ଧରୁ ନ ଥିବା ମୃତ ମହିଳାଙ୍କ ଭାଇ ଅଭିଯୋଗ କରିଛନ୍ତି । ଅନ୍ୟ ଅନ୍ୟାଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

### ଜଗରୀଜୋରରେ ଦ୍ୱିତୀୟ ଗହୀରମଥା ମହୋତ୍ସବ

## 'ସମ୍ବର୍ଦ୍ଧନା ମିଳିଲେ ସାମାଜିକ କାର୍ଯ୍ୟ ପାଇଁ ଉତ୍ସାହ ବଢ଼େ'



ମହାକାଳପଡ଼ା,୭।୧୧(ସମିସ): ସମ୍ବର୍ଦ୍ଧନା ମିଳିଲେ ସାମାଜିକ କାର୍ଯ୍ୟ କରିବା ପାଇଁ ଉତ୍ସାହ ବଢ଼ି ଚାଲେ ବୋଲି ଗହୀର ମଥା ମହୋତ୍ସବ ପେଣ୍ଡାଲରେ ସାମାଜିକ କର୍ମୀ ମତବ୍ୟକ୍ତ କରିଛନ୍ତି । ବୁଧବାର ମହାକାଳପଡ଼ା ବ୍ଲକ୍ ସୁନୀତି ପଞ୍ଚାୟତ ଜଗରୀଜୋର ବଜାର ପଡ଼ିଆରେ ଦ୍ୱିତୀୟ ଗହୀର ମଥା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ, ପୁଷ୍ପ ପ୍ରେମୀ ଦିଲୀପ ସ୍ୱାଇଁ, କବିତା ମାଧ୍ୟମରେ ସଚେତନତା ସୃଷ୍ଟି କରୁଥିବା କବି ଧନେଶ୍ୱର ସେଠୀ, ଯୋଗ ପ୍ରଶିକ୍ଷିକା ଅର୍ପିତା ସ୍ୱାଇଁ ପ୍ରମୁଖ ୬ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହୋତ୍ସବ କମିଟି ସଂଯୋଜକ ସମରେନ୍ଦ୍ର ମାହାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଭିଜିତ ବୋଷ, ଠାକୁର ନିଗମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସାମୁଦ୍ରିକ ଜୀବ ବିରଳ ପ୍ରଜାତିର କଇଁଛ ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା, ହେନ୍ତାଳ ବଣର ସୁରକ୍ଷା ପାଇଁ ମହାକାଳପଡ଼ା ଅଞ୍ଚଳବାସୀଙ୍କୁ ସଚେତନ କରିବାରେ ଗଣମାଧ୍ୟମ ପ୍ରତିନିଧି ଏବଂ ମହୋତ୍ସବ କମିଟିର ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ୯ରେ ଦୂରଦର୍ଶନରେ 'ତୁଳସୀକ୍ଷେତ୍ରେ ମା' ଗଜଲକ୍ଷ୍ମୀ'ର ପ୍ରସାରଣ

କେନ୍ଦ୍ରାପଡ଼ା,୭।୧୧(ସମିସ): ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ମା' ଗଜଲକ୍ଷ୍ମୀଙ୍କ ଉପାସନା ଏବେ ବାର୍ଷିକ ଗଣପର୍ବରେ ରୂପାନ୍ତରିତ ହୋଇସାରିଛି। କୁମାର ପୂର୍ଣ୍ଣିମାରୁ ଆରମ୍ଭ ହୋଇ ଏହି ଗଣପର୍ବ ସାତଦିନ ବ୍ୟାପି ଅନୁଷ୍ଠିତ ହୋଇଛି। ଚଳିତବର୍ଷ ମଧ୍ୟ ଏହି ପାରମ୍ପରିକ ଗଣପର୍ବ ବେଶ ଧୁମଧାମରେ ପାଳନ କରାଯାଇଛି। ଚଳିତବର୍ଷ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଏବଂ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱରର ମିଳିତ ସହଯୋଗରେ ଏକ ଅଧଘଣ୍ଟିଆ ଟେଲିଭିଜନ ଡକୁମେଣ୍ଟାରୀ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମର ନାମ ରଖାଯାଇଛି 'ତୁଳସୀକ୍ଷେତ୍ରେ ମା' ଗଜଲକ୍ଷ୍ମୀ'। ଏହି କାର୍ଯ୍ୟକ୍ରମରେ ତୁଳସୀକ୍ଷେତ୍ର କେନ୍ଦ୍ରାପଡାରେ ମାଗଜଲକ୍ଷ୍ମୀଙ୍କ ଉପାସନାର ଉଦେଶ୍ୟ, ଆଭିମୁଖ୍ୟ ତଥା ଉପାସନାର ପ୍ରାଚୀନତା ଉପରେ ଆଲୋକପାତ କରାଯାଇଛି ।ନଭେମ୍ବର ମାସ ୯ ତାରିଖ ତଥା ଆସନ୍ତା ଶନିବାର ଦିନ ଏହି କାର୍ଯ୍ୟକ୍ରମଟି ଜାତୀୟ ପ୍ରସାରଣ ସଂସ୍ଥା ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱର ତରଫରୁ ଡିଡି ଓଡିଆ ଚ୍ୟାନେଲରେ ଦର୍ଶକ ମାନଙ୍କ ପାଇଁ ପ୍ରସାରଣ କରାଯିବ ବୋଲି ଦୂରଦର୍ଶନ କେନ୍ଦ୍ର ପ୍ରାୟୋଜିତ ପ୍ରସାରଣ ନିର୍ବାହୀ ସୁମନ ଝା ସୂଚନା ଦେଇଛନ୍ତି।

## ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି ବୈଠକ



ପଟ୍ଟାମୁଣ୍ଡାଇ,୭।୧୧(ସମିସ): ୧୨ ବର୍ଷ ଧରି ହୋଇଆସୁଥିବା ବୋଇତ ବନ୍ଦାଣ ଉତ୍ସବ ପାଳନ ପାଇଁ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନ୍‌ସିଲର ଗୋପୀବଲ୍ଲଭ ନାୟକଙ୍କ ପୌରହିତ୍ୟରେ ପୌରପରିଷଦ ପ୍ରେକ୍ଷାଳୟଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲୀପ ନାୟକ, ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ଆଦର୍ଶ ଥାନା ଆଇଆଇସି ସୁଶାନ୍ତ ସାହୁ, ମେଡିକାଲ ଅଫିସର ଡା. ନିରାକାର ପରିଡା, ଅଗ୍ନିଶମ ଅଧିକାରୀ ରାମକୃଷ୍ଣ ପଣ୍ଡା, ସି ଡି ପି ଓ ଲକ୍ଷ୍ମୀମଣି ସିଂ,ଏ ବି ଇ ଓ ଚନ୍ଦ୍ରଶେଖର ତ୍ରିପାଠୀ,ଜନସ୍ୱାସ୍ଥ୍ୟ କନିଷ୍ଠ ଯନ୍ତ୍ରୀ ସୁଦାମ ସାହୁ, ପୌର ପରିଷଦ କନିଷ୍ଠ ଯନ୍ତ୍ରୀ ସୁଶୀଲ ବେହେରା, ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ ଅଶୋକ ରାଉତ, ପ୍ରଫେସର ରମେଶ ଜେନା, ଶିକ୍ଷାବିତ୍ କସ୍ତୁରୀ ସ୍ୱାଇଁ, ପରିବେଶବିତ୍ ବିଜୟ କବି, ନାଟ୍ୟକାର ଗୋଲକ ମହାରଣା, ଶିକ୍ଷାବିତ ରାଜକୁମାର ବିଶ୍ୱାଳ, କବି ସଚିତ୍ର ବେହୁରା, ଇଂ.ତପନ ପାତ୍ର, ଆଡ଼ଭୋକେଟ ପ୍ରମୋଦ ସାହୁ, ଶିକ୍ଷାବିତ୍ ସୁରେଶ ଜେନା, କବି ଗୌରାଙ୍ଗ ମହାନ୍ତି, କାଉନ୍‌ସିଲର ମଳୟ ଓଝା ଓ ସୁଧାମୟ ମଲିକ, ବରିଷ୍ଠ ଦଳିତ ନେତା ବାରେଣୀ ସେଠୀ, ଶିକ୍ଷକ ନେତା ସରୋଜ ସ୍ୱାଇଁ, ପ୍ରଦୀପ ନାୟକ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ଡା. ଅଲେଖ ଶର୍ମା, ଚିତ୍ତରଞ୍ଜନ ସ୍ୱାଇଁ, ବିଭୁତି ନାୟକ, ଗୋବିନ୍ଦ ସେଠୀ, ଅଶୋକ ନାୟକ, ଟୁଟୁ ମିଶ୍ର, ହାଡିବାନ୍ଧ ନାୟକ, କୃପାସିନ୍ଧୁ ନାୟକ, ଚନ୍ଦନ ପାତ୍ର, ଗିରିଜା ସାମଲ ଓ ଶରତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବିକାଶ ପରିଷଦ ସମ୍ପାଦକ ଆଡ୍‌ଭୋକେଟ ଗୋପୀନାଥ ତ୍ରିପାଠୀ ବିବରଣୀ ପାଠ କରି ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସଭ୍ୟ ବିଜୟ କୁମାର ସାହୁ ସ୍ୱାଗତ ଭାଷଣ ଓ ଶିକ୍ଷାବିତ୍ ସୁରେଶ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଚିତ୍ତରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଭଗବତୀ ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା

ପଞ୍ଚୁପାଣ୍ଡବ,୭।୧୧(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ବେଲାରପୁରଠାରେ ତୃତୀୟ ଶ୍ରେଣୀ ୨୦୨୪ର ବୃତ୍ତି ପରୀକ୍ଷା ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଉର୍ମିଳା ଜେନାଙ୍କ ନେତୃତ୍ୱରେ ଡେରାବିଶ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୬୨ ଜଣ ଛାତ୍ରଛାତ୍ରୀ ମାନେ ଆସି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାକୁ ଏବିଓ ସଚ୍ଚିକାନ୍ତ ମିଶ୍ର ତଦାରଖ କରିଥିଲେ।

## ମୃତ୍ୟୁପରେ ବି ସମାଜସେବାରେ ଲାଗିବେ ନରେଶ

ଡେରାବିଶ,୭।୧୧(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗଣେଶପୁରସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଉଚ୍ଚ ବିଦ୍ୟାଳୟର କର୍ମଚାରୀ ଉଚ୍ଚଶିକ୍ଷିତ ତଥା ସମାଜସେବୀ ନରେଶ କୁମାର ଜେନା ମୃତ୍ୟୁପରେ ଚିକିତ୍ସା ବିଜ୍ଞାନ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ନିଜ ଶରୀର ଦାନ ନିମନ୍ତେ ଅଙ୍ଗୀକାର କରିଛନ୍ତି। ଲୁଣାକରାଣ୍ଡିଆ ଦ୍ୱିପାଞ୍ଚଳ ଅନ୍ତର୍ଗତ ପକ୍ଷୋଟ ଗ୍ରାମର ଶିକ୍ଷକ ଛବିନ୍ଦ୍ର ଜେନାଙ୍କ ଏକମାତ୍ର ପୁଅ ନରେଶ ଛାତ୍ରାବସ୍ଥାରୁ ସମାଜସେବାରେ ମନବଳାଇ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ସମାଜସେବା କରିଆସୁଛନ୍ତି। ଗତ ଦୀପାବଳୀ ତିଥିରେ ଶ୍ରୀ ଜେନା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭ୍ୟ ଭାବରେ ଯୋଗ ଦେଇଥିଲେ। ଅବସରରେ ସଦର ଥାନା ନିକଟସ୍ଥ ପତିତପାବନ ମନ୍ଦିରରେ ମୃତ୍ୟୁପରେ ନିଜ ଶରୀରକୁ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଦାନ କରିବାକୁ ଶପଥ ନେଇଛନ୍ତି।

## ବାବା ଅମୃତାନନ୍ଦଙ୍କ ଭାଗବତ କଥା ପ୍ରବଚନ

ମହାକାଳପଡ଼ା,୭।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତର ଓଳିହା ଗ୍ରାମରେ ପଞ୍ଚ ଦିବସୀୟ ଭଗବାନଙ୍କ ହରିବଂଶ ପାରାୟଣ ପ୍ରବଚନ ଅନୁଷ୍ଠିତ ହେଉଛି। ଗ୍ରାମବାସୀମାନଙ୍କ ମଧ୍ୟରେ ଶାନ୍ତି, ଦୟା, ପ୍ରେମ ଓ ଭାଇଚାରା ବହୁଗୁଣିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ବାବା ସତ୍ୟାନନ୍ଦ ଦାସ ମହାରାଜ, ବାବା ଅମୃତାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ଭାଗବତ କଥା ପ୍ରବଚନ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତଙ୍କୁ ଆଧ୍ୟାତ୍ମିକ ଚେତନା ଓ ହରି କଥାରେ ପ୍ରଭାବିତ କରିଥିଲେ। ଭକ୍ତି ସଙ୍ଗୀତର ତାଳେ ତାଳେ ଭାଗବତ କଥା ଏବଂ ଶ୍ରଦ୍ଧାଳୁ ମାନଙ୍କ ହୁଳହୁଳି, କରତାଳି ଓ ହରିବୋଲ ଶବ୍ଦରେ ସମଗ୍ର ପରିବେଶ ମୁଖରିତ ହୋଇଥିଲା।

## ଆଦର୍ଶ ପ୍ରୟାସ ସମ୍ପାଦକଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ



ପାରାଦୀପ, ୭।୧୧(ସମିସ): ପାରାଦୀପ ଅଞ୍ଚଳର ଜଣାଶୁଣା ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ପ୍ରୟାସର ସମ୍ପାଦକ ଦେବ କଲ୍ୟାଣ ମହାପାତ୍ରଙ୍କୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି । ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ୨୦୨୪ ପାଇଁ କୁଜଙ୍ଗ ବ୍ଲକ୍‌ରୁ ମନୋନୀତ ହୋଇଥିବା ଏହି ସଂଗଠନର ସମ୍ପାଦକଙ୍କୁ ଜଗତସିଂହପୁର ସାଂସ୍କୃତିକ ଭବନରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସମ୍ମାନିତ କରାଯାଇଛି । ଏହି ସଭାରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ଜୟକୃଷ୍ଣ ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ, ଡିଇଓ ନିରଞ୍ଜନ ବେହେରା ଓ ଏଡିଇ ପରେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମ ଏକାକ୍ଷର ଅଖଣ୍ଡ ନାମଯଜ୍ଞ

ମଣିଜଙ୍ଗା, ୭।୧୧ (ସମିସ): ଏରସମା ନିର୍ବାଚନ ମଣ୍ଡଳୀର ଜପା ଗ୍ରାମପଞ୍ଚାୟତର ଇରିବିଣା ଗାଦିବ୍ରହ୍ମ ପୀଠରେ ମହାକାର୍ତ୍ତିକ ବ୍ରତ ଉପଲକ୍ଷେ ବ୍ରହ୍ମ ଏକାକ୍ଷର ଅଖଣ୍ଡ ନାମ ଯଜ୍ଞ ପାଞ୍ଚଦିନ ବ୍ୟାପି ଅନୁଷ୍ଠିତ ହେବ । ଏହି ଗାଦି ବ୍ରହ୍ମ ପୀଠରେ ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ହେଲା ଏହି ଅନୁଷ୍ଠାନ ଚାଲି ଆସୁଛି । ଏଥିରେ ଇରିବୀଣା ଓ ଆଖପାଖ ଗ୍ରାମର ଶହ ଶହ ଜନ ସାଧାରଣ ସହଯୋଗ କରନ୍ତି ବୋଲି ବାବା ନରହରି ଦାସ ଜଣାଇଛନ୍ତି । କମିଟିର ସଭାପତି ଉମାକାନ୍ତ ପୁହାଣ, ସମ୍ପାଦକ ତ୍ରିଲୋଚନ ସ୍ୱାଇଁ, କୋଷାଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ମେମ୍ବର ପ୍ରଫୁଲ୍ଲ , ନିତ୍ୟାନନ୍ଦ ଜୟସିଂ, ପ୍ରଶାନ୍ତ, ନିତ୍ୟାନନ୍ଦ, ଦେବେନ୍ଦ୍ର, ବାବୁଲି, ଅରକ୍ଷିତ, ବାବୁ , ହିମାଂଶୁ, ଅମୂଲ୍ୟ, ଶରତ ଓ ପିଙ୍କୁନା ପ୍ରମୁଖ ଗାଦି ବ୍ରହ୍ମ ପୀଠରେ ରହି ମହାମନ୍ତ୍ର ନାମଯଜ୍ଞରେ ସହଯୋଗ କରୁଛନ୍ତ ।

## ଶ୍ରମିକଙ୍କ ବିୟୋଗରେ ନିର୍ମାଣ ଶ୍ରମିକ ସଂଘର ଶୋକ



ଡେରାବିଶ,୭।୧୧(ସମିସ): ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ବେଣିପୁର ଗ୍ରାମର କେଶବ ମଳିକଙ୍କ ଆଜି ଅକାଳ ବିୟୋଗ ଘଟିଛି। କେଶବ ମଳିକ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଜଣେ ବରିଷ୍ଠ ସଦସ୍ୟଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ବିୟୋଗ ଖବର ପାଇ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଡେରାବିଶ ବ୍ଲକ ଶାଖା ସଭାପତି ମନୋଜ ପରିଡ଼ା, ଧିରେନ ସାହୁ, ଉମାକାନ୍ତ ମଳିକ, ରମେଶ ମଳିକ, ପ୍ରତାପ ମଳିକ ପ୍ରମୁଖ କେଶବଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବା ସହିତ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। କେଶବଙ୍କ ବିୟୋଗରେ ତାଙ୍କ ପରିବାର ଅସହାୟ ହୋଇପଡ଼ିଛନ୍ତି।

## ଢଳେଇ ରାସ୍ତା ତଳୁ ଧୋଇଗଲାଣି ମାଟି



ଡେରାବିଶ,୭।୧୧(ସମିସ): ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅଢ଼ଙ୍ଗା ଗ୍ରାମ ନିକଟରେ ଥିବା ଖାନନଗର ମାଇନର ବନ୍ଧରେ ନିର୍ମାଣ ହୋଇଥିବା ପକ୍କା ରାସ୍ତା ଏବେ ଅସୁରକ୍ଷିତ ହୋଇପଡ଼ିଛି। ଘଟଣାରୁ ପ୍ରକାଶ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅଢ଼ଙ୍ଗା ତାରେଣୀ ମନ୍ଦିର ନିକଟରେ ଖାନନଗର ମାଇନର ବନ୍ଧକୁ ମୁଖ୍ୟମନ୍ତ୍ରୀ

### ଗାର୍ଡୱାଲ୍ ନିର୍ମାଣ ପାଇଁ ଦାବି

ସଡ଼କ ଯୋଜନାରେ ଢ଼ଳେଇ କରାଯାଇଛି। ଏହି ସ୍ଥାନରେ ବର୍ଷା ପାଣି ପ୍ରବାହ ଫଳରେ ଢଳେଇ ରାସ୍ତା ତଳୁ ମାଟି ଧୋଇଯାଇଛି। ଫଳରେ ଢ଼ଳେଇ ରାସ୍ତା ତଳେ ବିରାଟ ଫାଙ୍କାସ୍ଥାନ ସୃଷ୍ଟି ହୋଇଛି। ଏହି ରାସ୍ତା ଉପରେ ଦୈନିକ ଶହଶହ ଦୁଇଚକିଆ ଓ ଚାରିଚକିଆ ଯାନ ସମେତ ଟ୍ରାକ୍ଟର, ଟ୍ରକ ଓ ସ୍କୁଲ ବସ୍ ଆଦି ଯାତାୟତ କରିଥାଏ। ତେବେ କେତେବେଳେ ଯେ ଏହି ରାସ୍ତାଟି ଧସିଯାଇ ଦୁର୍ଘଟଣା ଘଟାଇବା ସହିତ ଯୋଗାଯୋଗ ବିଚ୍ଛିନ୍ନ କରିବ ତାହା କହିହେବ ନାହିଁ। ଜଳସେଚନ ବିଭାଗର କେନାଲ ବନ୍ଧ ଉପରେ ଆରଡି ବିଭାଗ ଦ୍ୱାରା ନିର୍ମିତ ଏହି ରାସ୍ତାର ସୁରକ୍ଷା ପାଇଁ ରାସ୍ତାର ଦୁଇ ପଟରେ ଗାଡର୍‌ୱାଲ ନିର୍ମାଣ କରିବା ପାଇଁ ଇନ୍ଦାଳୋ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସୁଜିତ ସାମନ୍ତରାୟ, ମନୋଜ କୁମାର ଗୋଛାୟତ, କୁଳମଣି ସାମନ୍ତରାୟ, ଶ୍ରୀନିବାସ ଆଚାର୍ଯ୍ୟ, ଚିନ୍ମୟ ପଲାଇ ପ୍ରମୁଖ ଦାବି ଜଣାଇଛନ୍ତି।

## ଚାନ୍ଦୋଳ ମହାବିଦ୍ୟାଳୟରେ ପାଠଚକ୍ର ଓ ସମ୍ବର୍ଦ୍ଧନା ସଭା




ଡେରାବିଶ,୭।୧୧(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ଶିକ୍ଷାବିଭାଗ ତରଫରୁ ଏକ ପାଠଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ସଭାକକ୍ଷରେ ଶିକ୍ଷା ବିଭାଗର ମୁଖ୍ୟ ସୁକନ୍ୟା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀ ଲକ୍ଷ୍ମୀପ୍ରିୟା ବାରିକ ଓ ମୋନାଲିଶା ମହାନ୍ତି ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଛାତ୍ରୀ ଲକ୍ଷ୍ମିପ୍ରିୟା ସାହୁ, ଶିବାନୀ ଦାସ, ହିରଣମୟୀ ଭୋଳ, ଲୋପାମୁଦ୍ରା ଦାସ ଓ ପୂର୍ଣ୍ଣମାସୀ ଭଦ୍ର ନୃତ୍ୟ ପରିବେଷଣ କରିଥିଲେ। ଆୟୋଜିତ ପାଠଚକ୍ରରେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରାଧାପିକା ଡକ୍ଟର ରତ୍ନମଞ୍ଜରୀ ଦାସ ଯୋଗଦେଇ 'ଏନଇପି-୨୦୨୦ ଟିଚର୍ସ ଏମ୍ପାୱାରମେଣ୍ଟ' ଶୀର୍ଷକରେ ଅଭିଭାଷଣ ରଖିଥିଲେ। ଏହି ଆଲୋଚନାରେ ସିଦ୍ଧାର୍ଥ ବିଶ୍ୱାଳ, ଗାୟତ୍ରୀ ସାହୁ, ସ୍ୱାଗତିକା ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଏହି ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧାପକ ପ୍ରହ୍ଲାଦ ମାଝି ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନୂଆପଡ଼ା ଜିଲ୍ଲାର ମଡ଼େଲ ଡିଗ୍ରୀ କଲେଜରେ ନିଯୁକ୍ତି ପାଇଥିବାରୁ ତାଙ୍କୁ ମହାବିଦ୍ୟାଳୟର ଶିକ୍ଷାବିଭାଗ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିସହିତ ଶିକ୍ଷାବିଭାଗର ସମ୍ମାନ ଶ୍ରେଣୀର ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଛାତ୍ର ଶିବସୁନ୍ଦର ଦାସ, ତମସା ମହାନ୍ତି, ଶୁଭଲକ୍ଷ୍ମୀ ପରିଡ଼ା, କସ୍ତୁରୀ ସାହୁ, ହରପ୍ରିୟା ମହାନ୍ତି, ରୁଦ୍ରପ୍ରତାପ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀ ରଶ୍ମିତା ସାହୁ, ଶୁଭଶ୍ରୀ ବାରିକ ଓ ଏଲିନା ସାହୁ ବିଦାୟ ସଙ୍ଗୀତ ଗାନ କରିଥିଲେ। ଶେଷରେ ଅଧାପିକା ପ୍ରୀତମିତ୍ରା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ପିଅନଙ୍କ ସ୍ମୃତିଚାରଣ ସଭା

ରାଜକନିକା/ରାଜନଗର,୭।୧୧(ସମିସ): ରାଜନଗର ବ୍ଲକ ବ୍ରାହ୍ମଣସାହି ଗ୍ରାମପଞ୍ଚାୟତର ପିଅନ ରମେଶ ଚନ୍ଦ୍ର ମଲ୍ଲିକଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ରାଜନଗର ବ୍ଲକ ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଙ୍ଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଏହି ସ୍ମୃତିଚାରଣ ସଭାରେ ସଭାପତି ବିଷ୍ଣୁ ଚରଣ ବଳ, ଅକ୍ଷୟ ପରିଡା, ଅର୍ଜୁନ ବେହେରା, ପଞ୍ଚାନନ ବାରିକ, ଶରତ ରାଉତ, ପ୍ରତାପ ଖଣ୍ଡୁଆଳ, ଅଚ୍ୟୁତ ଚଣ୍ଡ, ବାସୁଦେବ ଜେନା, ଦେବ ଦୁଲାଳ ଜେନା, ପରମେଶ୍ୱର ଜେନା, ବିଚିତ୍ର ସାହୁ ଓ ବାସୁଦେବ ସାହୁଙ୍କ ସମେତ ଅନ୍ୟାନ୍ୟ ସମସ୍ତ ଗ୍ରାମପଞ୍ଚାୟତର କର୍ମଚାରୀ ମାନେ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

### ପିସିପିଏନ୍‌ଡିଟି ପରାମର୍ଶଦାତା କମିଟି ବୈଠକ

# ଜିଲ୍ଲାରେ ୧୦୦୦ ପୁଅରେ ୮୯୨ ଝିଅ

**ଲିଙ୍ଗ ନିରୂପଣ ରୋକିବା ସହ ସଚେତନତା ସୃଷ୍ଟି ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ**

**ବିନା ଡାକ୍ତରୀ ଚିଠାରେ ଔଷଧ ବିକୁଥିବା ଦୋକାନୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ**



ଜଗତସିଂହପୁର,୭।୧୧(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାସ୍ତରୀୟ ପିସିପିଏନଡିଟି ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ.ସୋନାଲ ଲିଙ୍ଗ ନିରୂପଣକୁ କିଭଳି କଡ଼ାକଡ଼ି ଭାବରେ ରୋକାଯାଇ ପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ପଞ୍ଜୀକୃତ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡ଼ିକର ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡ଼ିକୁ ନିୟମିତ ତନଖି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ନୂତନ କ୍ଲିନିକ୍ ପଞ୍ଜୀକରଣ ଓ ନବୀକରଣ ପାଇଁ ଆବେଦନ ହୋଇଥିବା ଦରଖାସ୍ତ ଗୁଡ଼ିକ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଅନ୍ୟ ଏକ ଆବେଦନକାରୀ ପୁନଃ ନବୀକରଣ ପାଇଁ ଆବେଦନ କରି ନ ଥିବାରୁ ତାହାର ମେସିନ୍‌କୁ ସିଲ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଲଟ୍ରାସାଉଣ୍ଡ କ୍ଲିନିକ୍ ବୈଠକରେ ପୂର୍ବ ବୈଠକର ବିବରଣୀ ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ଲିଙ୍ଗ ଅନୁପାତ ଅର୍ଥାତ୍ ପ୍ରତି ୧୦୦୦ ପୁଅରେ ଝିଅଙ୍କ ସଂଖ୍ୟା ୮୯୨ ରହିଛି। ଏ ନେଇ ଜନ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକ ପ୍ରାରମ୍ଭରେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରଘୁନାଥ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ଡା. ପ୍ରମୋଦ କୁମାର ବାରିକ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଚିକିତ୍ସକ ଡା. ରବୀନ୍ଦ୍ର ନାଥ ପାଲ, ସରକାରୀ ଆଇନ୍ ପରାମର୍ଶ ଦାତା ସଲିଲ କୁମାର୍ ଘୋଷ, ଡ୍ରଗସ୍ ଇନସ୍ପେକ୍ଟର ମନସ୍ୱିନୀ ବିଶ୍ୱାଳ, ସମାଜସେବୀ ଜ୍ୟୋତିର୍ମୟୀ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ ଡା. ସରୋଜ କୁମାର ଜେନା , ଡିପିଏମ ଚକ୍ରଧର ଜେନା, ଡେପୁଟି ମ୍ୟାନେଜର ଚକ୍ରଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆସିଷ୍ଟାଣ୍ଟ ମ୍ୟାନେଜର ସ୍ୱସ୍ତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଯେଉଁ ଔଷଧ ଦୋକାନୀ ବିନା ପ୍ରେସକ୍ରିପସନରେ ଔଷଧ ବିକ୍ରି କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ଡ୍ରଗ ଇନ୍ସପେକ୍ଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

